READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଗୋଟିଏ ରେଲୱେ ଜୋନ୍ ପାଇଁ ନବୀନଙ୍କ ଦାବି

ଭୁବନେଶ୍ୱର : ପୂର୍ବତଟ ରେଳବାଇରୁ ୱାଲଟିୟର୍ ଡିଭିଜନ୍‌କୁ କାଢ଼ି ନେଇ ଆନ୍ଧ୍ରପ୍ରଦେଶରେ ପ୍ରସ୍ତାବିତ ନୂଆ ଜୋନ୍‌ରେ ସାମିଲ କରିବା ପାଇଁ ରେଳ ମନ୍ତ୍ରଣାଳୟ ନେଇଥିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସହିତ ସମଗ୍ର ଓଡ଼ିଶା ଭୂଭାଗକୁ ଗୋଟିଏ ରେଳବାଇ ଜୋନ୍ ମଧ୍ୟରେ ରଖି ରାଉରକେଲା, ଯାଜପୁର/ଯାଜପୁର-କେନ୍ଦୁଝର ରୋଡ୍ ଓ ରାୟଗଡ଼ାରେ ଗୋଟିଏ ଲେଖାଏଁ ରେଳବାଇ ଡିଭିଜନ ଖୋଲିବା ପାଇଁ ଗତ ୩ବର୍ଷ ତଳେ କରିଥିବା ଦାବିକୁ ଦୋହରାଇ ପୁଣିଥରେ କେନ୍ଦ୍ର ରେଳମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ।

ବର୍ଷ-୨ ସଂଖ୍ୟା-୦୬ ୧୯ ଫେବୃଆରୀ - ୨୫ ଫେବୃଆରୀ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-06 19th FEB. - 25th FEBRUARY, 2018 BHUBANESWAR ₹ 5/- (8 Pages)

ଭୁବନେଶ୍ୱର : ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଚୂଡ଼ାରେ ମହାଦୀପ

ସନ୍ଦେହରେ ମୋଦି-ନବୀନ-ନରସିଂହଙ୍କ ସାକ୍ଷାତକାର

ରାଜନୀତି ନା ଆଉକିଛି !

ଭୁବନେଶ୍ୱର : ବିଜେପୁର ଉପନିର୍ବାଚନକୁ ନେଇ ମଇଦାନରେ ପ୍ରଚାର ଜୋରଦାର ଥିଲା ବେଳେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ଲିଖିତ ପୁସ୍ତକ 'ଦି ଟଲ୍‌ମ୍ୟାନ୍' ପ୍ରଦାନ କରିବା ଖବର ରାଜ୍ୟ ରାଜନୀତିକୁ ହଲଚଲ କରିଦେଇଛି। କେବଳ ଏତିକି ନୁହେଁ ଗତ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସାକ୍ଷାତ କରିବା ପରେ ଗୁରୁବାର ସକାଳେ ନୂଆଦିଲ୍ଲୀ ସ୍ଥିତ ଅବଦୁଲ୍ କାଲାମ୍ ମାର୍ଗରେ ଥିବା ନବୀନ ପଟ୍ଟନାୟକଙ୍କ ବାସଭବନରେ ତାଙ୍କୁ ଭେଟିଥିଲେ ଓଡ଼ିଶା ବିରୋଧୀ ଦଳ ନେତା ନରସିଂହ ମିଶ୍ର। ଏହି ଦୁଇଟି ଘଟଣାକୁ ନେଇ ତିନି ପ୍ରମୁଖ ରାଜନୈତିକ ଦଳର କର୍ମୀ ଓ ନେତାଙ୍କ ମନରେ

ଅନେକ ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହାକୁ 'ସୌଜନ୍ୟମୂଳକ' ବୋଲି କହିଥିଲେ। ହେଲେ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ନେଇ ରାଜ୍ୟ କଂଗ୍ରେସ ଭିତରେ ଆଶଙ୍କା ଦେଖା ଦେଇଛି। ଗଣମାଧ୍ୟମରେ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ରାଜନୀତି ବିଶାରଦମାନଙ୍କ କହିବାର କଥା ହେଉଛି ରାଜ୍ୟରେ ବିଜେପୁରକୁ ନେଇ ଉଷ୍ମତା ଏବଂ ଦଳମାନଙ୍କ ଭିତରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା ବେଳେ ଏଭଳି ସାକ୍ଷାତକାର କେଉଁଥିପାଇଁ? ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କାରଣ ନିକଟରେ କୁନ୍ଦୁଲି ଗଣଦୁଷ୍କର୍ମ ମାମଲା ହେଉ କି ତାଳସରିରେ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଅଣ୍ଡାମାଡ ଘଟଣା ହେଉ ଏହାକୁ ନେଇ ରାଜନୈତିକ ଝଡ଼ ଥମି ନଥିଲା ବେଳେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ନିଶ୍ଚୟ ସନ୍ଦେହ ସୃଷ୍ଟି କରିବା ଭଳି ଘଟଣା। କାରଣ ଯେଉଁ ଘଟଣାକୁ ନେଇ ବିଜେଡି-ବିଜେପି-କଂଗ୍ରେସ ମଧ୍ୟରେ ଭୟଙ୍କର ରାଜନୈତିକ ବାଦ-ବିବାଦ ଦେଖା ଦେଇଥିଲା। ଏଯାବତ୍ ଏ ସମସ୍ତ ଘଟଣାର ଅନ୍ତ ଘଟିନାହିଁ କିମ୍ବା ସେଭଳି ସମାଧାନ ହୋଇପାରିନାହିଁ। ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ ଅଶାନ୍ତି ଲାଗି ରହିଥିଲା ବେଳେ ବିଜେପୁର ଉପନିର୍ବାଚନ ପହଞ୍ଚି ଯିବାରୁ କୁନ୍ଦୁଲି ମାମଲା ଉପରୁ ନଜର ହଟିଯାଇଛି। ଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ଲୋକଙ୍କ ମନରେ ଉପୁଜିଥିବା ସନ୍ଦେହ ଦୂର କରିବାକୁ ଯାଇ କହିଛନ୍ତି, ଏବେବି ବିଜେଡି ସମଦୂରତା ଫର୍ମୁଲା କାଏମ ରହିଛି। ତେଣୁ ଆଗାମୀ ଦିନରେ ଏନ୍‌ଡିଏ ସହ ମେଣ୍ଟ ➤ ପୃ-୬

ଭାରତୀୟ ହକି ସହ ଯୋଡି ହେଲା ଓଡ଼ିଶା

ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ

ନୂଆଦିଲ୍ଲୀ : ଭାରତୀୟ ହକି ଖେଳାଳିଙ୍କ ଛାତିରେ ଏଣିକି ଶୋଭା ପାଇବ ଓଡ଼ିଶାର ନାମ। କ୍ରୀଡ଼ା ଇତିହାସରେ ଏହା ପ୍ରଥମ ଘଟଣା। ବିଶ୍ୱର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଆପଣାଇ ନେଇଛି ଭାରତୀୟ ହକି ଦଳକୁ। ଆଗାମୀ ୫ବର୍ଷ ଲାଗି ଭାରତୀୟ ହକି ଦଳର ପ୍ରାୟୋଜକ ହେବା ପାଇଁ ଓଡ଼ିଶା ସରକାର ପ୍ରାୟ ୨୦ କୋଟି ଟଙ୍କା ବଜେଟ୍ ରଖିଛନ୍ତି। ବିଗତ ଦିନରେ ଓଡ଼ିଶାରେ ଚାମ୍ପିଅନ୍ସ ଟ୍ରଫି ସମେତ ଏକାଧିକ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ହକି କମ୍ପ୍ଲେକ୍ସଠାରେ ଖେଳାଯିବ ପୁରୁଷ ହକି ବିଶ୍ୱକପ୍। ଓଡ଼ିଶା ଏବେ ଅନ୍ତର୍ଜାତୀୟ ହକି ଜଗତରେ ନିଜର ପ୍ରତିଷ୍ଠା ଅର୍ଜନ କରିସାରିଛି। ➤ ପୃ-୬

ହାଇକୋର୍ଟରେ ହେବ ଶୁଣାଣି

ନୂଆଦିଲ୍ଲୀ/ଭୁବନେଶ୍ୱର : ରାଜ୍ୟର ବହୁଚର୍ଚ୍ଚିତ କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାର ଶୁଣାଣି ଓଡ଼ିଶା ହାଇକୋର୍ଟରେ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ ହାଇକୋର୍ଟରେ ଚାଲିଥିବା ୪ଟି ଜନସ୍ୱାର୍ଥ ମାମଲା ସହ ପୀଡ଼ିତାଙ୍କ ଭାଇ ସିବିଆଇ ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟରେ କରିଥିବା ଆବେଦନର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏକକାଳୀନ ୫ଟି ମାମଲାର ଶୁଣାଣି ହାଇକୋର୍ଟରେ କରାଯିବ। ଉଲ୍ଲେଖଯୋଗ୍ୟ, କୁନ୍ଦୁଲି ପୀଡ଼ିତାଙ୍କ ଭାଇ

କୁନ୍ଦୁଲି ନାବାଳିକା ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

ଭଗବାନ ଛାତି କୋରାପୁଟ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସଗରିଆଙ୍କ ପରାମର୍ଶକ୍ରମେ ଗତ ୭ ତାରିଖରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ଏକ ରିଟ୍ ପିଟିସନ୍ ଜରିଆରେ ସେ ମାମଲାର ସିବିଆଇ ତଦନ୍ତ ପାଇଁ କୋର୍ଟଙ୍କୁ ନିବେଦନ କରିଥିଲେ। ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଆଦର୍ଶ ଗୋୟଲ୍ ଓ ଜଷ୍ଟିସ୍ ଉଦୟ ଉମେଶ ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଓଡ଼ିଶା ହାଇକୋର୍ଟ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟରେ ପୀଡ଼ିତାଙ୍କ ଭାଇ ଆବେଦନରେ ୨ଟି ପ୍ରସଙ୍ଗ ➤ ପୃ-୬

ପବିତ୍ର ଶିବରାତ୍ରି ଅବସରରେ ପାଟକୁରାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଭୁ ଶ୍ରୀଲିଙ୍ଗରାଜ ମୋ ଅଞ୍ଚଳବାସୀଙ୍କୁ
ପ୍ରତ୍ୟେକ କ୍ଷେତ୍ରରେ ସହାୟ ହୁଅନ୍ତୁ ...

ଇଂ. ମାନସ ରଞ୍ଜନ ମହାନ୍ତି
ବିଜେପି ନେତା, ପାଟକୁରା

ପ୍ରଣାମ କମ୍ପ୍ୟୁଟର୍ସ
ପ୍ରଭାକର ମଲ୍ଲିକ
ମୋ : ୯୧୨୪୬୨୭୭୯୯
(ସବ୍‌ରେଜିଷ୍ଟ୍ରାର ଅଫିସ୍ ନିକଟ)
କଚେରୀ ପରିସର, ଭୁବନେଶ୍ୱର

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପିର ଫେରାଦ

'ମଦ ମାଫିଆଙ୍କ ଟଙ୍କା ଲାଗିଛି'

ଭୁବନେଶ୍ୱର : ବିଜେପୁର ଉପନିର୍ବାଚନରେ ଜିତିବା ପାଇଁ ଶାସକ ବିଜୁ ଜନତା ଦଳ ମଦ ମାଫିଆଙ୍କ ଟଙ୍କା ଲଗାଇଛି ବୋଲି ଗତ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେପି। ବିଜେଡି ଦଳର ନେତା ହରପ୍ରସାଦ ସାହୁ ବିଜେପୁରବାସୀଙ୍କୁ ଟଙ୍କା ବାଣ୍ଟିବା ପାଇଁ ଯାଉଥିବାବେଳେ ପୋଲିସ ହାତରେ ଧରା ପଡିଛନ୍ତି। ସେ ଗାଡିର ମାଲିକ ହେଉଛନ୍ତି ଗଞ୍ଜାମର ବେନାମୀ ମଦ ବେପାରୀ ବିକ୍ରମ ସାହୁ। ବିକ୍ରମ ସାହୁଙ୍କ ସଂପର୍କୀୟ ହର ପ୍ରସାଦ ସାହୁ ବିଜେଡି ଦଳର ନେତା ଥିବା ବେଳେ ସେ ତାଙ୍କ ଝିଅକୁ ସାଙ୍ଗରେ ଧରି ଉକ୍ତ ଗାଡ଼ିରେ ଲକ୍ଷ ଲକ୍ଷ ଟଙ୍କା ନେଇଯାଉଥଲାବେଳେ ପୋଲିସ ହାତରେ ଧରାପଡିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂଙ୍କ ହାତବାରେସି ସାଜି ପୋଲିସ ତାଙ୍କୁ ଗିରଫ ନକରି ଛାଡିଦେଇଛି। ଏହା ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ➤ ପୃ-୬

ଓଡ଼ିଶା ଫେରିବେ ଜଗା-ବଳିଆ

ନୂଆଦିଲ୍ଲୀ : ଦିଲ୍ଲୀ ଏମ୍‌ସରେ ଚିକିତ୍ସିତ ହୋଇ ଧୀରେଧୀରେ ସୁସ୍ଥ ହେଉଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆ ଆସନ୍ତା ମାର୍ଚ୍ଚକୁ ଓଡ଼ିଶା ଫେରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ମାର୍ଚ୍ଚମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହି ଉଭୟ ଶିଶୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି। ➤ ପୃ-୬

କମ୍ପିଟେସନ୍ କମିଶନରଙ୍କ ସ୍କାନରରେ ଟ୍ରକ୍ ମାଲିକ ସଂଘ

କାହାପାଇଁ ଶ୍ରେଷ୍ଠ ମାନ୍ୟତାରୁ ବଞ୍ଚିତ ପାରାଦୀପ ବନ୍ଦର

ପାରାଦୀପ : ବନ୍ଦର ନଗରୀ ପାରାଦୀପକୁ ଶ୍ରେଷ୍ଠ ମାନ୍ୟତା ଦେବା ପାଇଁ ବର୍ତ୍ତମାନ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। ବନ୍ଦର ଅଧ୍ୟକ୍ଷଙ୍କ ଦୂରଦୃଷ୍ଟି ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଓ ଶ୍ରମିକଙ୍କ ଅକ୍ଳାନ୍ତ ପରିଶ୍ରମ ହିଁ ଆଜି ପାରାଦୀପ ବନ୍ଦରକୁ ବିକାଶ ଦିଗରେ ଅଗ୍ରସର ତତ୍ପରତା ଲାଗି ରହିଛି । ଏଥିରେ ଅବଶ୍ୟ ଆମଦାନୀ ଓ ରପ୍ତାନୀ କରୁଥିବା ସଂସ୍ଥା ସହିତ କେତେକ ଷ୍ଟିଭେଡର୍ସ ମାନଙ୍କ କାର୍ଯ୍ୟଦକ୍ଷତା ବେଶ୍ ପ୍ରଶଂସନୀୟ। କିନ୍ତୁ ସବୁ କିଛି ଠିକ୍ ଠାକ୍ ଚାଲିଥିବା ବେଳେ ଏଥିରେ

ବନ୍ଦରକୁ ୧ନମ୍ବରର ମାନ୍ୟତା କାହିଁକି ମିଳୁନାହିଁ। ଏଥିରେ ଆହୁରି ପୁଣି କଣ ବାଧା ରହିଛି ବା ସମସ୍ୟା ରହିଛି ତାକୁ ଏବେ ତର୍ଜମା କରିବାର ସମୟ ଆସିଛି । କାହିଁକିନା ପାରାଦୀପ ବନ୍ଦର ଆମର ବନ୍ଦର ଏହି ବନ୍ଦରର ଉନ୍ନତି ହେଲେ ଆମର ଉନ୍ନତି ହେବାସହ ଆମ ରାଜ୍ୟ ତଥା ଆମ ଦେଶର ଉନ୍ନତି ହେବ ବୋଲି ପାରାଦୀପ ସ୍ୱାଭିମାନ ମଞ୍ଚ ଦୃଢ କଣ୍ଠରେ ଦାବି କରିଛି । ତେବେ ଏଥିପ୍ରତି ସଚେତନ ଓ କିଏ ବାଧକ ସାଜୁଛି ତାକୁ ନେଇ ମଧ୍ୟ ଚିହ୍ନଟ କରିବାର ସମୟ ଆସିଛି । ଦିନ ଥିଲା ପାରାଦୀପ ବନ୍ଦରରେ ଚାଲୁଥିଲା ଏକଛତ୍ରବାଦ ଶାସନ, ଯିଏ ଚାହୁଁଥିଲା ସିଏ ସେହି ପ୍ରକାର ନିୟମ କାନୁନ ଲାଗୁକରି ବ୍ୟବସାୟକୁ ଏକଗୁଣରୁ ବହୁଗୁଣରେ ପରିଣତ କରୁଥିଲା । କିନ୍ତୁ ଆଜି ଅବଶ୍ୟ ସେ ସମୟ ନାହିଁ ସମୟକ୍ରମେ ତାହା ବଦଳି ଯାଇଛି । ➤ ପୃ-୬

EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from
N.H., Petrol Pump
Sqft/3200
3200/- Sq.ft
Construction will Start from March 2017
Member Of
AIORD
27-40 Lakhs
www.evos.co.in
State Bank of India
Finance Available
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near
Jagasara, BDA Housing Project
Mob.: 9438383699, 9040051152

ପୃଷ୍ଠା - ଦୁଇ
ପିଏନ୍‌ବି ବ୍ୟାଙ୍କ୍ ଘୋଟାଲା : ନିରବ୍‌ଙ୍କ ଅଡୁଆ ବଢୁଛି
ପରୀକ୍ଷାର୍ଥୀଙ୍କୁ ଟିପ୍ସ ଦେଲେ ପ୍ରଧାନମନ୍ତ୍ରୀ

ପୃଷ୍ଠା - ତିନି
ବଢ଼ିଲା ବିଜୁ କୃଷକ କଲ୍ୟାଣ ଯୋଜନା ଅବଧି : ଉପକୃତ ହେବେ ୫୭.୬୪ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର

ପୃଷ୍ଠା - ଚାରି
ସମୟ କହିବ ବିଚାର ଓ ଆମେ ଇତିହାସରୁ ଗପଟିଏ

ପୃଷ୍ଠା - ପାଞ୍ଚ
ଅମୁହାଁ ଦେଉଳ ଗୀତ ଗାଉଥିବା ଲୋକ ସ୍ୱୀକୃତି

ପୃଷ୍ଠା - ଛଅ
ଜନସାଧାରଣଙ୍କ ଦାବି : ସ୍ଥାନୀୟ ନିଯୁକ୍ତି ଓ ବେକାରୀ ଭତ୍ତା ନିଶା କବଳରେ ଯୁବପିଢ଼ି

ପୃଷ୍ଠା - ସାତ
ଗୁରୁଜଙ୍ଗର ଧବଳେଶ୍ୱର

ପିଏନ୍‌ବି ବ୍ୟାଙ୍କ୍ ଘୋଟାଲା : ନିରବ୍‌ଙ୍କ ଅଡୁଆ ବଢୁଛି

ନୂଆଦିଲ୍ଲୀ : ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ(ପିଏନ୍‌ବି)ର ଲେଟର୍ ଅଫ୍ ଅଣ୍ଡରଟେକିଂ(ଏଲ୍‌ଓୟୁ) ବା କ୍ରେଡିଟ୍ ଗ୍ୟାରେଣ୍ଟିକୁ ଗ୍ରହଣ କରି ଯେଉଁ ଭାରତୀୟ ବ୍ୟାଙ୍କଗୁଡ଼ିକର ବିଦେଶରେ ଥିବା ଶାଖା ହୀରା ବ୍ୟବସାୟୀ ନିରବ୍ ମୋଦି ଓ ତାଙ୍କ କମ୍ପାନୀଙ୍କୁ ବୈଦେଶିକ ମୁଦ୍ରା ଋଣ ଦେଇଛନ୍ତି ସେମାନଙ୍କ ପ୍ରାପ୍ୟ ବା କ୍ଲେମ୍ ମାର୍ଜ ଶେଷ ସୁଦ୍ଧା ଦେବାକୁ ରିଜର୍ଭ ବ୍ୟାଙ୍କ ପିଏନ୍‌ବିକୁ ନିର୍ଦ୍ଦେଶ ଦେଇଛି। ପିଏନ୍‌ବି ତାହାର ନିଜସ୍ୱ ପୁଞ୍ଜିରୁ ଏହି ଦେୟ ଭରଣା କରିବ। ପିଏନ୍‌ବିର ଜାଲ୍ ଗ୍ୟାରେଣ୍ଟିରେ ୧୧,୩୬୦ କୋଟି ଠକି ନେଇଥିବା ହୀରା ବ୍ୟବସାୟୀ ନିରବ୍ ମୋଦି ଓ ତାଙ୍କ ବ୍ୟବସାୟିକ ସହଯୋଗୀ ମେହୁଲ୍ ଚୋକ୍‌ସିଙ୍କ ପାସ୍‌ପୋର୍ଟ ୪ସପ୍ତାହ ପାଇଁ ଅଚଳ କରାଯାଇଛି। ନିରବ୍ ଏବେ ପରିବାର ସହ ନ୍ୟୁୟର୍କର ଜେଡବ୍‌ଲ୍ୟୁ ମାରିଅଟ୍‌ସ ଏସେକ୍ସ ହାଉସ୍ ନାମକ ହୋଟେଲ୍‌ର ୩୬ମହଲାରେ ଥିବା ଏକ ସୁଟ୍‌ରେ ରହିଥିବା ଖବର ମିଳିଛି। ଏହି ବ୍ୟାଙ୍କ ଜାଲିଆତି ଓ ଠକେଇ ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ନିରବ୍‌ଙ୍କ ପତ୍ନୀ ଅମି ଓ ଭାଇ ନିଶାଲ୍ ମୋଦି। ଅମି ଆମେରିକାର ନାଗରିକ ହୋଇଥିବା ବେଳେ ନିଶାଲ୍ ହେଉଛନ୍ତି ବେଲଜିୟମ୍ ନାଗରିକ। ଅଭିଯୁକ୍ତମାନେ ଗତ ଜାନୁଆରୀ ମାସରେ ଭାରତ ଛାଡ଼ିଛନ୍ତି। ଏହି ମାମଲାରେ ପିଏନ୍‌ବି କର୍ତ୍ତୃପକ୍ଷ ୧୦ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ଆଉ ୮ ଜଣ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତଙ୍କ ମଧ୍ୟରେ ଜଣେ ଜେନେରାଲ୍ ମ୍ୟାନେଜର୍ ଅଛନ୍ତି। ନିରବ୍‌ଙ୍କ ବିଭିନ୍ନ ଶୋ'ରୁମ୍, ବୁଟିକ୍ ଓ ଅନ୍ୟ ଠିକଣାରେ ଚଢ଼ଉ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ୫,୧୦୦ କୋଟି ଟଙ୍କା ମୂଲ୍ୟର ହୀରା, ଗହଣା ଓ ସୁନା ଜବତ କରିବା ପରେ ପୁଣି ଏକ ମାମଲା ରୁଜୁ କରିବା ସହ ୧୧ଟି ରାଜ୍ୟର ୩୫ଟି ଠିକଣାରେ ଚଢ଼ଉ କରି ଆଉ ୬୦୦ କୋଟିର ସମ୍ପତ୍ତି ଜବତ କରିଛି। ଚଢ଼ଉର ଦ୍ୱିତୀୟ ଦିନରେ ନିରବ୍‌ଙ୍କ ମୋଟ ୫,୭୦୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ ହେଲାଣି। ପୁଣି ସିବିଆଇ ମୋହୁଲ ଚୋକ୍‌ସିଙ୍କ ଗୀତାଞ୍ଜଳି ଗ୍ରୁପ୍ ଅଫ୍ କମ୍ପାନିଜ୍ ବିରୋଧରେ ଏକ ମାମଲା ରୁଜୁ କରି ତାଙ୍କର ୨୦ଟି ଠିକଣାରେ ଚଢ଼ଉ କରିଛି। ଚୋକ୍‌ସଙ୍କ୍ର ଗୀତାଞ୍ଜଳି ଜେମ୍‌ସ, ଗିଲି ଇଣ୍ଡିଆ ଓ ନକ୍ଷତ୍ର ବ୍ରାଣ୍ଡ ଲିମିଟେଡ୍ ନାମକ କମ୍ପାନୀ ରହିଛି। ଚୋକସିଙ୍କ ଏହି କମ୍ପାନୀଗୁଡ଼ିକ ଜାଲିଆତି କରି ପିଏନବିକୁ ୪,୮୮୬.୭୨ କୋଟି ଟଙ୍କା କ୍ଷତି ପହଞ୍ଚାଇଛନ୍ତି ବୋଲି ପିଏନ୍‌ବି କର୍ତ୍ତୃପକ୍ଷ ଫେବୃଆରୀ ୧୩ ତାରିଖରେ ସିବିଆଇରେ ଅଭିଯୋଗ କରିଥିଲେ। ନିରବ୍ ମୋଦିଙ୍କ ୩ଟି କମ୍ପାନୀ ସୋଲଶର୍ ଏକ୍ସପୋର୍ଟସ୍, ଷ୍କେଲାର୍ ଡାଏମଣ୍ଡସ୍ ଓ ଡାଏମଣ୍ଡସ୍ ଆର୍ ଅସ୍ ଏବଂ ଚୋକ୍‌ସିଙ୍କ ୩ଟି କମ୍ପାନୀ ଗୀତାଞ୍ଜଳି ଜେମ୍‌ସ, ଗିଲି ଇଣ୍ଡିଆ ଓ ନକ୍ଷତ୍ର ବ୍ରାଣ୍ଡ ଲିମିଟେଡ୍ ବ୍ୟାଙ୍କ କର୍ମଚାରୀଙ୍କୁ ହାତ କରି ପିଏନ୍‌ବିରୁ ୨୯୩ଟି ଜାଲ୍ ଲେଟର୍ ଅଫ୍ ଅଣ୍ଡରଟେକିଂ ଓ ୨୨୪ଟି ଜାଲ୍ ଫରେନ୍ ଲେଟର୍‌ସ ଅଫ୍ କ୍ରେଡିଟ୍ ଯୋଗାଡ଼ କରି ୧୧,୩୬୦ କୋଟି ଟଙ୍କା ଠକେଇ କରିଛନ୍ତି ବୋଲି ପିଏନ୍‌ବି ଅଭିଯୋଗ କରିଛି।

ଅଭିନୟରୁ ଅବସର ନେବେ କମଲ୍ ହାସନ



ନୂଆଦିଲ୍ଲୀ : 'ଚାଚି ୪୨୦'ରୁ ଆରମ୍ଭ କରି 'ବିଶ୍ୱରୂପମ୍' ଯାଏ ଉଭୟ ତାମିଲ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ନିଜର ଅଭିନୟର ଯାଦୁ ଦେଖାଇବା ପରେ ସୁପରଷ୍ଟାର୍ କମଲ ହାସନ୍ ଅଭିନୟରୁ ବିଦାୟ ନେବେ ବୋଲି ଘୋଷଣା କରିଛନ୍ତି। ତାମିଲ ସିନେମା 'କଲାଥୁର୍ କାନ୍ନମ୍'ରୁ ଶିଶୁ କଳାକାରଭାବେ ଅଭିନୟ ଆରମ୍ଭ କରିଥିବା କମଲ୍ ଅଭିନୟ ପାଇଁ ହିଁ ଦର୍ଶକଙ୍କ ପାଖରେ ଏକ ପରିଚିତ ନାମ ହୋଇପାରିଥିବା ବେଳେ ରାଜନୀତି ପାଇଁ ଅଭିନୟକୁ ଛାଡ଼ିବେ ବୋଲି ସୂଚନା ଦେଇଛନ୍ତି। ଗୋଟିଏ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ ସେ ଘୋଷଣା କରିଛନ୍ତି, "ଆଗକୁ ଆସୁଥିବା ଦୁଇଟି ଚଳଚ୍ଚିତ୍ର ପରେ ଆଉ ଅଭିନୟ କରିବି ନାହିଁ। ଜୀବିକା ପାଇଁ ଅନ୍ୟ କିଛି କରିବାକୁ ପଡ଼ିପାରେ ମାତ୍ର ମୁଁ ଭାବୁନି ଯେ ମୁଁ ହାରିଯିବି।" ତାଙ୍କ ରାଜନୀତିର ରଙ୍ଗ ଦ୍ରାବିଡ଼ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରୁଥିବା କଳା ରଙ୍ଗ ବୋଲି ସେ କହିଛନ୍ତି। ସେ ଦ୍ରାବିଡ଼ ଗୋଷ୍ଠୀଙ୍କ ପାଇଁ ରାଜନୀତି କରିବେ ଏବଂ ତାମିଲଙ୍କ ପାଇଁ କଳା ଏକ ଖରାପ ରଙ୍ଗ ନୁହେଁ। ସେ ଜଣେ ହିନ୍ଦୁ ବିରୋଧୀ ନୁହେଁ କିନ୍ତୁ ଚରମପନ୍ଥାକୁ ସେ ଦୃଢ଼ ବିରୋଧ କରନ୍ତି ବୋଲି କହିଛନ୍ତି। ଜଣେ ଅଭିନେତା ଭାବେ ମରିବାକୁ ସେ ଚାହୁଁନଥିଲେ ତେଣୁ ରାଜନୀତିକୁ ଆସିଛନ୍ତି। ବିଚାରଧାରା ଦୃଷ୍ଟିରୁ ସେ ମହାତ୍ମା ଗାନ୍ଧି ଓ ଜବାହରଲାଲ ନେହରୁଙ୍କ ଫ୍ୟାନ୍ ବୋଲି କହିଛନ୍ତି।

କେମିତି କଟିବ ଏ ସପ୍ତାହ

ମେଷ — ସାମାଜିକ କାର୍ଯ୍ୟରେ ଗୁରୁଦାୟିତ୍ୱ ନିର୍ବାହ କରିବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ହେବାର ଆଶଙ୍କା ରହିଛି।

ବୃଷ — ଧର୍ମାନୁଷ୍ଠାନରେ ଯୋଗ ଦେଇ ଖୁସି ଅନୁଭବ କରିବେ। ଶାରୀରିକ ପୀଡା ଅନୁଭବ କରିବେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିପାରେ। ବେରୋଜଗାରିମାନେ ରୋଜଗାରକ୍ଷମ ହେବାର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ଅପମାନିତ ହୋଇପାରନ୍ତି।

ମିଥୁନ — ଭାଗ୍ୟ ଆପଣଙ୍କ ସାଥ ରହିଛି। ଚାକିରିରେ ପଦୋନ୍ନତି ହୋଇପାରେ। ନୂତନ ଯାନବାହନ କିଣିବା ପାଇଁ ଶୁଭ ସମୟ। ବ୍ୟବସାୟରେ ଉପଯୁକ୍ତ ପଦକ୍ଷେପରୁ ବଞ୍ଚିତ ରହିବେ।

କର୍କଟ — କର୍ମକ୍ଷେତ୍ରରେ ମନୋନିବେଶ କରିବେ। ପୂଜା ପାଠରେ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ମଧ୍ୟ ସଫଳତା ପାଇବେ ନାହିଁ। ବ୍ୟବସାୟରୁ ପ୍ରଚୁର ଲାଭ ମିଳିବ।

ସିଂହ — ନୂତନ କର୍ମକ୍ଷେତ୍ରରେ ଯୋଗଦେଇ ପ୍ରଶଂସିତ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ଧର୍ମାନୁଷ୍ଠାନକୁ ଯିବାର ଯୋଜନା ରହିଛି। ରାଜନୀତିରେ ଆର୍ଥିକ ଲାଭ ମଳିବା ସହିତ ସମ୍ମାନ ମିଳିବ।

କନ୍ୟା — ଚାକିରିଆଙ୍କର ବଦଳି ହୋଇପାରେ। ସାମାଜିକ କର୍ମରେ ସମୟ ବିତିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ମନ ବଳାଇବେ। ଶାରୀରିକ ଅସୁସ୍ଥତା ଦୂର ହେବ। ରାଜନୀତିରେ ନେତୃତ୍ୱ ବଜାୟ ରହିବ।

ତୁଳା — କର୍ମକ୍ଷେତ୍ରରେ ମନୋନିବେଶ କରିବେ। କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିପାରେ। ବ୍ୟବସାୟରେ କିଛିମାତ୍ରାରେ କ୍ଷତି ସହିବେ।

ବିଛା — ଉଚ୍ଚପଦାଧିକାରୀଙ୍କ ଠାରୁ ସମ୍ମାନ ପାଇ ପ୍ରଶଂସିତ ହେବେ। ନୂତନ କର୍ମରେ ଯୋଗ ଦେବାର ସମ୍ଭାବନା ରହିଛି। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବ୍ୟବସାୟୀମାନେ ଲାଭବାନ ହେବେ।

ଧନୁ — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲୋଡିପାରନ୍ତି। ଦୂରଯାତ୍ରା କରିବାର ସୁଯୋଗ ପହଞ୍ଚିବ। ପରିବାରରେ ସୁଖ ଶାନ୍ତି ବଜାୟ ରହିବ। ଆଶା କରିଥିବା କର୍ମରେ ସଫଳତା ହାସଲ କରିବେ।

ମକର — ଗୃହରେ ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରିବ। ବିବାହ ଆଶାୟୀମାନେ ଶୁଭ ସମ୍ବାଦ ପାଇବେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ପରିବାର ମଧ୍ୟରେ ଶାନ୍ତି ବଜାୟ ରହିବ।

କୁମ୍ଭ — କର୍ମ କ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବନ୍ଧୁଙ୍କ ଠାରୁ ଆଶା କରିଥିବା ସାହାଯ୍ୟ ମିଳିବ। ବ୍ୟବସାୟୀମାନେ ଲାଭବାନ ହେବେ। କଳାକାରମାନେ ପ୍ରଶଂସିତ ହେବେ। ପାରିବାରିକ ବିବାଦରୁ ମୁକ୍ତି ମିଳିବ।

ମୀନ — ନୂତନ ଜମି କ୍ରୟ କରି ପାରନ୍ତି। ଆର୍ଥିକ ପରିସ୍ଥିତିରେ ସୁଧାର ଆସିବ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଠାରୁ ସହଯୋଗ ପାଇବେ। କୋର୍ଟକଚେରୀରେ ଜଡିତ ହେବେ। ରାଜନୀରେ ସଫଳ ହେବେ।

ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

ପରୀକ୍ଷାର୍ଥୀଙ୍କୁ ଟିପ୍ସ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଅନ୍ୟମାନଙ୍କ ସହ ପ୍ରତିଯୋଗିତା ନ କରି ନିଜ ସହ ପ୍ରତିଯୋଗିତା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଛାତ୍ର ପାଇଁ ଆତ୍ମବିଶ୍ୱାସ ହେଉଛି ବଡ଼ କଥା। ଏଥିସହିତ ଏକାଗ୍ରତା ବୃଦ୍ଧି କରିବାକୁ ପଡ଼ିବ। ମୋଦି ନୂଆ ଦିଲ୍ଲୀର ତାଲ୍‌କାଟୋରା ଷ୍ଟାଡିୟମ୍‌ରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବା ଅବସରରେ ସେମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଏହି ଅଭିନବ କାର୍ଯ୍ୟକ୍ରମରେ ମୋଦି ଛାତ୍ରମାନଙ୍କୁ କହିଛନ୍ତି, ସେମାନଙ୍କୁ ଏକାଗ୍ରତା ପାଇଁ ଯୋଗାଭ୍ୟାସ କରିବାକୁ ପଡ଼ିବ। ଏକାଗ୍ରତା ବୃଦ୍ଧି କରିବାରେ ଯୋଗର ଚମତ୍କାର ପ୍ରଭାବ ରହିଛି। ଛାତ୍ରମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ବେଳେ ଆତ୍ମବିଶ୍ୱାସର ସହ ଅଗ୍ରସର ହେବା ଉଚିତ। କଠିନ ପରିଶ୍ରମ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଅଭିଭାବକମାନଙ୍କୁ ପରାମର୍ଶ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନେ ନିଜର ଅଭିଳାଷ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସନ୍ତାନସନ୍ତତିଙ୍କ ଉପରେ ଚାପ ପକାଇବା ଅନୁଚିତ। ଉଲ୍ଲେଖଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ଅବସରରେ ଷ୍ଟାଡିୟମ୍‌ରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଭାରତରେ ଅନୁପ୍ରବେଶ ପାଇଁ ଅପେକ୍ଷାରେ ୩୦୦ ଆତଙ୍କୀ

ଜମ୍ମୁ : ଭାରତରେ ଅନୁପ୍ରବେଶ ପାଇଁ ଏଲ୍‌ଓସି (ନିୟନ୍ତ୍ରଣ ରେଖା)ରେ ୩୦୦ରୁ ଊର୍ଦ୍ଧ୍ୱ ପାକିସ୍ତାନୀ ଆତଙ୍କବାଦୀ ଅପେକ୍ଷା କରି ରହିଛନ୍ତି। ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀରରେ ଆତଙ୍କୀ ହମ୍‌ଲା ଯୋଜନାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି। ଜମ୍ମୁ- କଶ୍ମୀରର ଉଦ୍ଧମପୁର ସ୍ଥିତ ନର୍ଦ୍ଦନ୍ କମାଣ୍ଡର ସଦର ଦପ୍ତରରେ ଜେନେରାଲ୍ ଅଫିସର୍ କମାଣ୍ଡର୍ ଇନ୍ ଚିଫ୍ (ଜିଓସି) ଲେଫ୍ଟନାଣ୍ଟ୍ ଜେନେରାଲ ଦେବରାଜ ଅନ୍‌ବୁ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି, ପାକିସ୍ତାନ ସୀମାରେ ପୀର ପାଞ୍ଜାଲ୍‌ର ଦକ୍ଷିଣରେ ୧୮୫ - ୨୨୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ପ୍ରସ୍ତୁତ ହୋଇ ରହିଥିଲା ବେଳେ ଉତ୍ତରରେ ୧୯୦ - ୨୨୫ ଆତଙ୍କବାଦୀ ଛକି ରହିଛନ୍ତି। ଜମ୍ମୁ-କଶ୍ମୀର ଉପରେ ଆତଙ୍କୀ ହମ୍‌ଲା କରିବା ପାଇଁ ପାକିସ୍ତାନୀ ସେନାର ପ୍ରତ୍ୟକ୍ଷ ଭୂମିକା ରହିଛି। ଏହି ଅବସରରେ ତାଙ୍କୁ ସର୍ଜିକାଲ୍ ଷ୍ଟ୍ରାଇକ୍ ଯୋଜନା ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି, ଏହା ଏକ ଜଟିଳ ପ୍ରକ୍ରିୟା। ସୁଞ୍ଜୱାନ୍ ସେନା ଶିବିର ଉପରେ ଆତଙ୍କୀ ହମ୍‌ଲା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ କିଭଳି ପାଲଟା ଜବାବ ଦିଆଯିବ, ସେଥିନେଇ ବିଧିବଦ୍ଧ ଯୋଜନା କରାଯାଉଛି। କିନ୍ତୁ ଏହାକୁ ଯେଶାକୁ ତେସା ନୀତି କୁହାଯିବ ନାହିଁ। ଆମେ ଆମର ରଣନୀତି ପ୍ରସ୍ତୁତ କରୁଛୁ ଏବଂ ସେହି ଅନୁଯାୟୀ ଅଗ୍ରସର ହେବୁ। ପାକିସ୍ତାନ ବାରମ୍ବାର ଅସ୍ତ୍ର ବିରତି ଉଲ୍ଲଂଘନ କରୁଥିବା ସମ୍ପର୍କରେ ସେ କହିଲେ, ଭାରତର ପାଲଟା ଜବାବରେ ପାକିସ୍ତାନର ୧୯୨ ଯବାନ ପ୍ରାଣ ହରାଇଲେଣି। ୨ଟି ଘଟଣାରେ ୬ରୁ ୭ ଜଣ ପାକ୍ ଯବାନ ନିହତ ହେବା ସେମାନେ ସ୍ୱୀକାର କରୁଛନ୍ତି। କିନ୍ତୁ ଆମ ପାଖରେ ଯାହା ଖବର ଅଛି, ସେହି ସଂଖ୍ୟା ଯଥେଷ୍ଟ ଅଧିକ। ତେବେ ଆତଙ୍କବାଦ ଦମନକୁ ପ୍ରାଥମିକତା ଦିଆଯାଉଛି। ଆତଙ୍କୀ ନେତୃତ୍ୱକୁ ଚିହ୍ନଟ କରି ସେମାନଙ୍କୁ ଖତମ୍ କରିବାକୁ ସେନା ଗୁରୁତ୍ୱ ଦେଉଛି। ସେ କହିଲେ, ଶତ୍ରୁ ପକ୍ଷ ହତାସ ହୋଇପଡ଼ିଛି। ତେଣୁ ଆମର ସଫ୍ଟ ଟାର୍ଗେଟ୍ ଉପରେ ଆକ୍ରମଣ କରୁଛନ୍ତି। ସୀମାରେ ସେମାନେ ଫେଲ୍ ମାରିବାରୁ ସେନା ଶିବିର ଉପରେ ହମ୍‌ଲା କରୁଛନ୍ତି। ଜୈସ୍-ଇ-ମହମ୍ମଦ, ଲସ୍କର-ଇ-ତୋଏବା ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ମିଳିତ ଭାବେ ହମ୍‌ଲା କରିବା ଯୋଜନାରେ ରହିଛନ୍ତି। ଆତଙ୍କୀ ସଂଗଠନଗୁଡ଼ିକ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ସେମାନେ ଗୋଟିଏ ସଂଗଠନରୁ ଆଉ ଗୋଟିଏ ସଂଗଠନକୁ ଲମ୍ଫ ପ୍ରଦାନ କରୁଛନ୍ତି। ଜମ୍ମୁ-କଶ୍ମୀରରେ ଯୁବକମାନେ ଆତଙ୍କୀ ସଂଗଠନରେ ଯୋଗ ଦେଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ଏଭଳି ଧାରାକୁ ବଦଳାଇବାକୁ ପଡ଼ିବ। ତେବେ ଯେକେହି ରାଷ୍ଟ୍ର ବିରୋଧରେ ବନ୍ଧୁକ ଉଠାଇଲେ, ତାକୁ ଆତଙ୍କବାଦୀ ଭାବେ ବିବେଚନା କରାଯାଇ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମୋଦିଙ୍କ ଅରୁଣାଚଳ ଗସ୍ତକୁ ବେଜିଂର ବିରୋଧ

ବେଜିଂ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅରୁଣାଚଳ ଗସ୍ତକୁ ଚୀନ୍ ଦୃଢ଼ ବିରୋଧ କରି ଏଥିନେଇ କୂଟନୈତିକ ସ୍ତରରେ ପ୍ରତିବାଦ ଜଣାଇବ ବୋଲି ଧମକ ଦେଇଛି। ମୋଦି ଆଜି ଅରୁଣାଚଳ ପ୍ରଦେଶ ଗସ୍ତ କରିବା ପରିପ୍ରେକ୍ଷୀରେ ଚୀନ୍ ଏଥିରେ କ୍ଷୁବ୍ଧ ହୋଇ ଏହାର ଦୃଢ଼ ବିରୋଧ କରିଛି। ଅରୁଣାଚଳ ପ୍ରଦେଶକୁ ଚୀନ୍ ଦକ୍ଷିଣ ତିବ୍ଦତ୍‌ର ଏକ ଅଂଶ ବୋଲି ଦାବି କରୁଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗେଙ୍ଗ୍ ସୁଆଙ୍ଗ୍ ମୋଦିଙ୍କ ଅରୁଣାଚଳ ଗସ୍ତ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଏଠାରେ କହିଛନ୍ତି, "ଚୀନ୍ - ଭାରତ ସୀମା ସମ୍ପର୍କରେ ବେଜିଂର ଆଭିମୁଖ୍ୟ ସ୍ପଷ୍ଟ ଓ ଅପରିବର୍ତ୍ତିତ ରହିଛି। ଚୀନ୍ ସରକାର ତଥାକଥିତ ଅରୁଣାଚଳ ପ୍ରଦେଶକୁ ଆଦୌ ସ୍ୱୀକୃତି ଦେଉ ନାହାନ୍ତି। ଏହି ବିବାଦୀୟ ଅଞ୍ଚଳକୁ ଭାରତୀୟ ନେତୃବୃନ୍ଦଙ୍କ ଗସ୍ତକୁ ବେଜିଂ ଦୃଢ଼ ବିରୋଧ କରୁଛି।" ଚୀନ୍‌ର ରାଷ୍ଟ୍ରାୟତ୍ତ ସମ୍ବାଦ ସରବରାହ ସଂସ୍ଥା ଗେଙ୍ଗ୍‌ଙ୍କ ବିବୃତି ଉଦ୍ଧାର କରି ଏହା ଦର୍ଶାଇଛି। ଗେଙ୍ଗ୍ ଆହୁରି କହିଛନ୍ତି, "ଆମେ ଭାରତ ନିକଟରେ ଏହାର ଦୃଢ଼ ପ୍ରତିବାଦ ଜଣାଇବୁ। ଦୁଇ ଦେଶ ମଧ୍ୟରେ ଥିବା ବିବାଦଗୁଡ଼ିକର ଯଥାରୀତି ସମାଧାନ କରିବା ଏବଂ ସୀମା ବିବାଦକୁ ଆଲୋଚନା ଜରିଆରେ ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା। ଏ ଦୃଷ୍ଟିରୁ ଭାରତ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ଉଚିତ ବୋଲି ଚୀନ୍ ଦାବି କରୁଛି। କିନ୍ତୁ ଏହାକୁ ଉପେକ୍ଷା କରି ଭାରତ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲେ ସୀମା ବିବାଦ ଆହୁରି ଜଟିଳ ହେବ।" ଜିନ୍‌ହୁଆ ରିପୋର୍ଟରେ ଗେଙ୍ଗ୍‌ଙ୍କ ବିବୃତି ଉଦ୍ଧାର କରାଯାଇ ଆହୁରି କୁହାଯାଇଛି, ବେଆଇନ ଭାବେ ସ୍ଥିରୀକୃତ ହୋଇଥିବା ମ୍ୟାକ୍‌ମୋହନ୍ ଲାଇନ୍ ଏବଂ ଭାରତ - ଚୀନ୍ ମଧ୍ୟରେ ପାରମ୍ପରିକ ସୀମା ମଧ୍ୟରେ ଥିବା ୩ଟି ଅଞ୍ଚଳ ସର୍ବଦା ଚୀନ୍‌ର ହୋଇ ରହିଛି। କିନ୍ତୁ ୧୯୧୪ରେ ବ୍ରିଟେନ୍ ଦ୍ୱାରା ଟଣାଯାଇଥିବା ମ୍ୟାକ୍‌ମୋହନ୍ ଲାଇନ୍ ଏହି ଅଞ୍ଚଳକୁ ଭାରତୀୟ ସୀମା ମଧ୍ୟରେ ଅଣାଯିବାକୁ ଏକ ଉଦ୍ୟମ ବୋଲି ସେ କହିଛନ୍ତି। ଚୀନ୍ ପକ୍ଷରୁ ଆହୁରି କୁହାଯାଇଛି, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ସହ ସୀମା ସମ୍ପର୍କରେ ଆଲୋଚନା ପାଇଁ ଏକ ବାତାବରଣ ସୃଷ୍ଟି କରିବାକୁ ଭାରତ ଉଦ୍ୟମ କରିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ, ଅରୁଣାଚଳ ପ୍ରଦେଶକୁ ଭାରତୀୟ ନେତୃବୃନ୍ଦଙ୍କ ଗସ୍ତକୁ ଚୀନ୍ କ୍ରମାଗତ ଭାବେ ବିରୋଧ କରିଆସୁଛି ଏବଂ ଏହି ଅଞ୍ଚଳକୁ ନିଜ ଅଞ୍ଚଳ ଭାବେ ବାରମ୍ବାର ଦାବି କରୁଛି। ଭାରତ - ଚୀନ୍ ମଧ୍ୟରେ ୩୪୮୮ କି.ମି. ଦୀର୍ଘ ସୀମା ରହିଛି। କିନ୍ତୁ ସୀମା ବିବାଦର ସମାଧାନ ପାଇଁ ଦୁଇ ଦେଶ ସ୍ୱତନ୍ତ୍ର ପ୍ରତିନିଧି ସ୍ତରରେ ୨୦ ଥର ଆଲୋଚନା କଲେଣି।

ଡିଜିଟାଲ୍ କାରବାର ପାଇଁ ନୂଆ ପେମେଣ୍ଟ ଆପ୍ଲିକେଶନ୍

ନୂଆଦିଲ୍ଲୀ : ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବା ସହିତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ମଧ

କୁଲଡିହା ଅଭୟାରଣ୍ୟରେ ମାଈ ହାତୀର ମୃତ୍ୟୁ

ବାଲେଶ୍ୱର/ନୀଳଗିରି : କୁଲଡିହା ଅଭୟାରଣ୍ୟରେ ଦେବଗିରି ପର୍ବତର ମନଭଙ୍ଗା ପାହାଡ଼ରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି । ମୃତ ହାତୀର ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ବନବିଭାଗ ଅଧିକାରୀମାନେ ଆକଳନ କରିଛନ୍ତି । ମଲା ହାତୀର ଶବ ପଡ଼ିଥିବାର ଖବର ପାଇ ଡି.ଏଫ୍.ଓ ଓ କୁଲଡିହା ରେଞ୍ଜର ଘଟଣା ସ୍ଥଳକୁ ଯାଇଥିଲେ । ସେମାନଙ୍କ ଉପସ୍ଥିତିରେ ଔଷଦ ସହକାରୀ ପଶୁ ଚିକିତ୍ସା ଅଧିକାରୀ ଶବ ବ୍ୟବଚ୍ଛେଦ କରିଥିଲେ । ପରେ ହାତୀର ମୃତ ଶରୀରକୁ ପୋତି ଦିଆଯାଇଥିଲା । ପଥରରେ ଗୋଡ଼ ଖସିଯିବା ଯୋଗୁଁ ପେଟ ଚାପି ହୋଇ ମାଈ ହାତୀଟିର ମୃତ୍ୟୁ ଘଟିଥିବାର ଡି.ଏଫ୍.ଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ହାତୀଟିର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡି.ଏଫ୍.ଓ କହିଛନ୍ତି । ହାତୀଟି ପାହାଡ଼ ଉପରକୁ ଚଢୁଥିବା ବେଳେ ଗୋଡ଼ ଖସିବା ଯୋଗୁଁ ଦୁର୍ଘଟଣାର ଶିକାର ହୋଇଥିଲା । ହାତୀଟିର ପାକସ୍ଥଳୀ, ଗର୍ଭାଶୟ ଓ ଅନ୍ତନାଡ଼ି ପଦାକୁ ବାହାରି ଆସିଥିଲା । ଏଥିଯୋଗୁଁ ହାତୀଟିର ମୃତ୍ୟୁ ହୋଇଛି ବୋଲି ବନବିଭାଗ ଅଧିକାରୀମାନେ ସନ୍ଦେହ କରୁଛନ୍ତି ।

ବଢ଼ିଲା ବିଜୁ କୃଷକ କଲ୍ୟାଣ ଯୋଜନା ଅବଧି

ଉପକୃତ ହେବେ ୫୭.୬୪ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର

ଭୁବନେଶ୍ୱର : ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ)ରେ ବୀମା ଅବଧିକୁ ଚଳିତବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଏହା ଫଳରେ ରାଜ୍ୟରେ ୫୭.୬୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାର ସ୍ୱାସ୍ଥ୍ୟ ବୀମା ସୁବିଧା ପାଇପାରିବେ । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟବସ୍ତୁ ଏବଂ କୃଷି ନିର୍ଦ୍ଦେଶକ ଏମ୍ ମୁଥୁକୁମାର ସଦ୍ୟତନ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଏ ବିଷୟରେ ଲଗାତାର ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଉଭୟ ବୀମା କମ୍ପାନୀ ଏବଂ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୀମାଭୁକ୍ତ କୃଷକ ପରିବାର କିପରି ସୁବିଧାରେ ବିନା ନଗଦ ଅର୍ଥରେ ଚିକିତ୍ସା ପାଇବା ସହ ଚିକିତ୍ସା ବାବଦରେ ଅର୍ଥ ଭରଣା ପାଇଁ ବୀମା କମ୍ପାନୀକୁ ଦାବି କରିପାରିବେ, ସେ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଡାକ୍ତରଖାନାରେ ବିକେକେୱାଇ ସ୍ମାର୍ଟ କାର୍ଡ ବ୍ୟବହାରକୁ ପ୍ରୋତ୍ସାହିତ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ସ୍ମାର୍ଟ କାର୍ଡର ବ୍ୟବହାର କରି ରୋଗୀଙ୍କୁ ଚିକିତ୍ସା ଦେବାରେ ସହାୟତା କରିଥିବା ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ଷ୍ଟାଫ୍‌ମାନଙ୍କୁ ବୀମାରାଶିର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରୋତ୍ସାହନ ଭାବେ ଦିଆଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି । ଆଲୋଚନାରୁ ଜଣାପଡ଼ିଛି, ବିଜୁ କୃଷକ କଲ୍ୟାଣ ଯୋଜନା ଧାରା-୧ (ଷ୍ଟ୍ରିମ୍-୧)ରେ ୨୫ ଲକ୍ଷ ୬୦ ହଜାର ୬୦୨ ପରିବାର ଏବଂ ଧାରା-୨ରେ ୩୨ ଲକ୍ଷ ୨ ହଜାର ୨୫୭ରେ ପରିବାର ଅର୍ଥାତ୍ ସମୁଦାୟ ୫୭ ଲକ୍ଷ ୬୪ ହଜାର ୩୬୯ କୃଷକ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଇଛି । ଏଥିନିମନ୍ତେ ରାଜ୍ୟ ସରକାର ପ୍ରାୟ ୪୦୫.୩୮ କୋଟି ଟଙ୍କା ବିନିଯୋଗ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୪.୬୬ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ଉଭୟ ସରକାରୀ ଏବଂ ବେସରକାରୀ ଡାକ୍ତରଖାନା ମାଧ୍ୟମରେ ବୀମା କମ୍ପନୀମାନଙ୍କ ଠାରୁ ପ୍ରାୟ ୨୭୯ କୋଟି ଟଙ୍କାର ଚିକିତ୍ସା ସାହାଯ୍ୟ ପାଇଛନ୍ତି । ଏହି ଯୋଜନାରେ କୃଷକ ପରିବାରମାନଙ୍କୁ ଚିକିତ୍ସା ଯୋଗାଇବା ନିମନ୍ତେ ୧୨୮ଟି ଘରୋଇ ଏବଂ ୪୨୩ଟି ସରକାରୀ ଏହିପରି ସମୁଦାୟ ୫୫୧ଟି ଡାକ୍ତରଖାନା, ସ୍ପେସାଲିଟି ହସ୍ପିଟାଲ୍ ଏବଂ ମେଡିକାଲ କଲେଜମାନଙ୍କୁ ତାଲିକାଭୁକ୍ତ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି । କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ସମବାୟ ସଚିବ ରଞ୍ଜନା ଚୋପ୍ରା, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ସଚିବ ଦେଓରଞ୍ଜନ କୁମାର ସିଂହ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, କୃଷି ନିର୍ଦ୍ଦେଶକ ଏମ୍ ମୁଥୁକୁମାରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅମୃତ ଅର୍ଥ ଖର୍ଚ୍ଚ କରିବାକୁ ଅଣ୍ଟା ଭିଡିଲା ବିଏମ୍‌ସି

ଭୁବନେଶ୍ୱର : ଅମୃତ ମିଶନ ଅର୍ଥ ଖର୍ଚ୍ଚ କରିବାକୁ ବିଏମ୍‌ସି ଯୋଜନା ପ୍ରସ୍ତୁତ କରିଛି । ଅମୃତ ମିଶନ ଅର୍ଥ ଖର୍ଚ୍ଚ କରିବାରେ ବିଏମ୍‌ସି ପଛୁଆ ବୋଲି ଅଭିଯୋଗ ହୋଇ ଆସୁଥିଲା ବେଳେ ଏହାକୁ ଖର୍ଚ୍ଚ କରି ଜନହିତକର କାର୍ଯ୍ୟରେ ତୁରନ୍ତ ଲଗାଇବାକୁ ବାରମ୍ବାର ବିଭାଗୀୟ ନିର୍ଦ୍ଦେଶ ଜାରି ହେଉଥିଲା । ବର୍ତ୍ତମାନ ୮.୬୫ କୋଟିରେ ବିଏମ୍‌ସି ୪ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ପାଇଁ ଅଣ୍ଟା ଭିଡ଼ିଛି । ୫ ନଂ ୱାର୍ଡର ଚକେଇସିଆଣି, ସମେଇଗଡ଼ିଆ, ଭୋତପଡ଼ା, ଗଣେଶ ନଗର, ରାଧାକୃଷ୍ଣ ବିହାର, ସପ୍ତର୍ଷି ନଗର, ଜ୍ଞାନଭାରତୀ ସାଇନ୍ସ କଲେଜ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟୟ ଅଟକଳ ହୋଇଛି । ସେହିପରି ୧୦ ନଂ ୱାର୍ଡ ଅନ୍ତର୍ଗତ ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟବର୍ତ୍ତୀ ଅଞ୍ଚଳ, ୱାର୍ଡ ନଂ ୧୮ର ଜଗନ୍ନାଥ ନଗର ଓ ପାଣ୍ଡରା, ୱାର୍ଡ ନଂ ୧୯ର କିଛି ଅଞ୍ଚଳ ସହିତ ଆଇଆରସି ଭିଲେଜର ଏନ୍ ୧ରୁ ଆରମ୍ଭ କରି ଏନ୍ ୬ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣରେ ସୁଧାର ଆଣିବାକୁ ଏହି ଅର୍ଥ ଖର୍ଚ୍ଚ ହେବ । ଏଥିପାଇଁ ବିଏମ୍‌ସି ଜନସ୍ୱାସ୍ଥ୍ୟ ବିଭାଗ ବ୍ୟୟ ଅଟକଳ ପ୍ରସ୍ତୁତ କରିଛି । ଖୁବ୍ ଶୀଘ୍ର ଏହି କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ସରକାରୀ ସୁବିଧାରୁ ବଞ୍ଚିତ ନିର୍ମାଣ ଶ୍ରମିକ

ଖୋରଧା : ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ପରିଚୟ ପତ୍ର ବଣ୍ଟନ କରାଯାଇଛି । ଏହି ପରିଚୟ ପତ୍ର ଗୁଡ଼ିକର ୧ ବର୍ଷ ନିମନ୍ତେ ଥିବା ବେଳେ ସେଗୁଡ଼ିକର ପୁନ ନବିକରଣ ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ନାମା ରହିଛି । ଖୋରଧା ଏବଂ ଏହାର ଆଖ ପାଖ ଅଞ୍ଚଳର ନିର୍ମାଣ ଶ୍ରମିକମାନେ ଖୋରଧା ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପରିଚୟ ପତ୍ରଗୁଡ଼ିକର ନବୀକରଣ କରୁଥିବା ବେଳେ ହଠାତ୍ ଅନ୍‌ଲାଇନ୍ ମାଧ୍ୟମରେ ପରିଚୟପତ୍ର ଗୁଡ଼ିକର ନବିକରଣ କରାଯିବାର ଦ୍ୱାହି ଦେଇ ଭୁବନେଶ୍ୱର ଠାରେ ଅବସ୍ଥାପିତ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଧାଁ ଧପଡ଼ କରି ହତାଶ ହୋଇ ଫେରୁଥିବା ଜଣାପଡ଼ିଛି । ଭୁବନେଶ୍ୱରରେ ଅବସ୍ଥାପିତ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକମାନଙ୍କର ପରିଚୟ ପତ୍ର ନବିକରଣ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଇ ନିର୍ମାଣ ଶ୍ରମିକମାନଙ୍କୁ ହଇରାଣ ହରକତ କରୁଛନ୍ତି । ପରିଚୟ ପତ୍ର ଗୁଡ଼ିକର ନବିକରଣ ନିମନ୍ତେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୫୦ ଟଙ୍କା ଥିବା ବେଳେ ଅତ୍ୟଧିକ ଅର୍ଥ ଦାବି କରାଯାଉଛି । ନଚେତ୍ ପରିଚୟ ପତ୍ର ଗୁଡ଼ିକ ନବୀକରଣ କରାଯାଉ ନାହିଁ । ତାହା ସହିତ ଏଜେଣ୍ଟ ବା ଦଲାଲମାନଙ୍କ ଦ୍ୱାରା ନବୀକରଣ କରାଇବାକୁ ବାଧ୍ୟ କରାଯାଉଛି । ନବିକରଣ ସମୟରେ ପରିଚୟପତ୍ରରେ ଥିବା ପରିବାରର ସଦସ୍ୟମାନେ ଉପସ୍ଥିତ ରହିବାକୁ ବାଧ୍ୟ କରାଯାଉଛି । ଏହିପରି ଭାବରେ ନିର୍ମାଣ ଶ୍ରମିକମାନଙ୍କ ପରିଚୟ ପତ୍ର ଗୁଡ଼ିକୁ ନବିକରଣ କରିବା ନିମନ୍ତେ ବହୁ ହଇରାଣ ହରକତ କରିବା ସହ ଲାଞ୍ଚ ଆକାରରେ ଅର୍ଥ ଦାବୀ କରିବା ନେଇ ବହୁ ନିର୍ମାଣ ଶ୍ରମିକ ଅଭିଯୋଗ କରିଛନ୍ତି । ପୂର୍ବ ପରି ଖୋରଧା ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ପରିଚୟ ପତ୍ର ନବିକରଣ କାର୍ଯ୍ୟ କରିବା ନିମନ୍ତେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବୀ କରାଯାଉଛି । ଏ ସମ୍ପର୍କରେ ରାଜ୍ୟ ଶ୍ରମ ଓ ବିଭାଗ ମନ୍ତ୍ରୀ ତଥା ଖୋରଧା ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବିଜେପୁର ଉପନିର୍ବାଚନ : ଜମୁଛି ପ୍ରଚାର

ଭୁବନେଶ୍ୱର : ବିଜେପୁର ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ପ୍ରଚାର ଜମି ଆସୁଛି । ସେଠାକୁ ପ୍ରତିଦିନ ଶହ ଶହ ବିଜେପି ଓ ବେଜଡିର ନେତା ଓ ଅଭିନେତାଙ୍କ ସୁଅ ଛୁଟୁଛି । ଫଳରେ ଏହି ନେତାମାନଙ୍କ ପ୍ରଭାବରେ ସ୍ଥାନୀୟ ଜନସାଧାରଣ ଅଣନିଃଶ୍ୱାସୀ ହୋଇପଡିଲେଣି । କଂଗ୍ରେସ ସାଧାରଣ ଭାବରେ ନିର୍ବାଚନ ପ୍ରଚାର କରୁଛି । କିନ୍ତୁ ଉଭୟ ବିଜେଡି ଓ ବିଜେପି ପ୍ରଚାରକୁ ବେଶ୍ ବ୍ୟୟ ବହୁଳ କରିଥିବା ଦେଖାଯାଉଛି । ନିର୍ବାଚନ ପ୍ରଚାର ପାଇଁ ସବୁ ଦଳ ନିଜ ନିଜର ସାମର୍ଥ ଲଗାଇ ଦେଇଛନ୍ତି । ବହୁ ବିଧାୟକ ଓ ଦଳୀୟ କର୍ମକର୍ତ୍ତା ଏଠାକାର ବିଭିନ୍ନ ବ୍ଲକରେ ଡେରା ପକାଇ ରହିଛନ୍ତି । ମୁଖ୍ୟତଃ ଉପକୂଳ ଓଡିଶାରୁ ଆସିଥିବା ନେତାମାନଙ୍କ ମଧ୍ୟରେ ପ୍ରଚାର କାର୍ଯ୍ୟ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ପରିଲକ୍ଷିତ ହେଉଛି । ବିଜେଡି ବରପାଲି ପାଇଁ ସଂଜୟ ଦାସ ବର୍ମା, ବିଜେପୁର ପାଇଁ ପ୍ରଣବ ପ୍ରକାଶ ଦାସ ଓ ଗାଇସିଲେଟ ପାଇଁ ପ୍ରଶାନ୍ତ ନନ୍ଦଙ୍କୁ ଦାୟିତ୍ୱ ଦେଇଥିବା ବେଳେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ମୁଖ୍ୟ ସଂଯୋଜକ ଦାୟିତ୍ୱ ଦେଇଛି ଦଳ । ଯଦିଓ ଏମାନଙ୍କ ସହିତ କିଛି ସ୍ଥାନୀୟ ନେତା ଅଛନ୍ତି, ତେବେ ତୃତୀୟ ମହଲା ସହିତ ଏମାନେ ହିଁ ମୁଖ୍ୟ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ କରୁଥିବା ଜଣାପଡ଼ିଛି । ବିଧାୟକ ଓ ଦଳୀୟ ନେତାଙ୍କୁ ବାଦ୍ ଦେଇ ବହୁ ପରାଜିତ ବିଧାୟକ ଏପରିକି ବ୍ଲକସ୍ତରୀୟ ନେତାମାନେ ମଧ୍ୟ ପ୍ରଚାରରେ ସାମିଲ ହୋଇଛନ୍ତି । ତିନୋଟି ବ୍ଲକରେ ଡେରା ପକାଇଥିବା ଉଭୟ ଦଳର କର୍ମୀ ଓ ସ୍ଥାନୀୟ ନେତାଙ୍କୁ ଲୋକେ ଭଲ ଭାବରେ ଚିହ୍ନି ନ ଥିବାରୁ ଏହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବାର ସମ୍ଭାବନ ରହିଛି । ଗତ ଦୁଇମାସ ଭିତରେ ବହୁ ସ୍ଥାନୀୟ ନେତା ଗୋଟିଏ ଦଳ ଛାଡି ଅନ୍ୟ ଦଳକୁ ଯାଇଛନ୍ତି । ତେଣୁ ଅନେକ ସ୍ଥାନରେ ଗାଁରେ ପହଞ୍ଚିବା ବେଳେ ଦଳ ମଧ୍ୟରେ ପ୍ରଚାର ପାଇଁ ବିଭ୍ରାନ୍ତି ସୃଷ୍ଟି ହେଉଛି । କିଛି ଦିନ ପୂର୍ବରୁ ଯେଉଁ ନେତାମାନେ କଂଗ୍ରେସ କଥା କହୁଥିଲେ, ସେ ଏବେ ବିଜେପି କିମ୍ବା ବିଜେଡିକୁ ସମର୍ଥନ କରୁଛନ୍ତି, ଯାହାକି ସାଧାରଣ ଲୋକଙ୍କ ପକ୍ଷେ ଗ୍ରହଣୀୟ ହେଉନାହିଁ । ଏହି ସମସ୍ୟା କେବଳ କଂଗ୍ରେସ ନୁହେଁ, ଏହା ବିଜେପି ଓ ବିଜେଡିରେ ମଧ୍ୟ ରହିଛି । ଏହି ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତ ନିର୍ବାଚନ ବେଳେ ବିଜେପିର ସମସ୍ତ ଦାୟିତ୍ୱ ନେଇଥିବା ନାରାୟଣ ସାହୁ ଏବେ ବିଜେଡି ପାଇଁ ପ୍ରଚାର କରୁଛନ୍ତି । ଠିକ ସେହିପରି ସୁବଳ ସାହୁଙ୍କ ସମୟରେ କଂଗ୍ରେସର ମଙ୍ଗୁଆଳ ଥିବା ପ୍ରଦ୍ୟୁମ୍ନ ତ୍ରିପାଠୀ ଏବେ ବିଜେଡିରେ । ତେଣୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ନେତାଙ୍କୁ ଭେଟର ଭଲ ଭାବରେ ଚିହ୍ନି ନ ଥିବାରୁ ପ୍ରଚାରରେ ଦ୍ୱନ୍ଦ୍ୱ ଦେଖାଦେଉଛି । ଏପରିକି କେଉଁ ଦଳ ପାଇଁ କିଏ ପ୍ରଚାର କରୁଛନ୍ତି, ତାହା ଭୋଟର ଜାଣି ପାରୁନାହାନ୍ତି । ବାହାର ନେତାମାନଙ୍କ ପ୍ରଭାବରେ ଅଣନିଃଶ୍ୱାସୀ ସ୍ଥାନୀୟ ନେତାମାନେ ମଧ୍ୟ ବହୁ ସମୟରେ କେବଳ ଉପର ଦେଖାଣିଆ ଭାବେ କାମ କରୁଛନ୍ତି । ବିଭିନ୍ନ ଦଳର ସେଲିବ୍ରିଟି ନେତାମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ବିଜେପୁର କିମ୍ବା ବରଗଡ଼ରେ କୌଣସି ଭଲ ହୋଟେଲ ନ ଥିବାରୁ ଏହି ନେତାମାନେ ବଲାଙ୍ଗୀରରେ ରହିଛନ୍ତି । ଏପରିକି କିଛି ନିର୍ଦ୍ଦିଷ୍ଟ ହୋଟେଲକୁ ଦଳଗୁଡିକ ସମ୍ପୂର୍ଣ୍ଣ ସଂରକ୍ଷଣ କରି ରଖିଛନ୍ତି । ଯଦିଓ ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ପାଇଁ ସ୍ଥାନୀୟ ନେତା କିମ୍ବା ଭୋଟରଙ୍କ କୌଣସି ପ୍ରତିକ୍ରିୟା ନାହିଁ, କିନ୍ତୁ ସେମାନେ ଉପକୂଳ ଅଞ୍ଚଳରୁ ଆସୁଥିବା ନେତାଙ୍କ ପ୍ରଚାରକୁ ଲୋକେ ପସନ୍ଦ କରୁ ନ ଥିବା ଦେଖାଯାଉଛି । ବ୍ୟୟବହୁଳ ବିଜେପୁର ନିର୍ବାଚନରେ ଏହାର ଫଳ ଓଲଟା ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି ।

ଚିଟ୍‌ଫଣ୍ଡ କମିଶନକୁ ପୂରିଲା ୪ ବର୍ଷ

ଟଙ୍କା ମିଳୁନି, ଆଶଙ୍କାରେ ଜମାକାରୀ

କଟକ : ଚିଟ୍‌ଫଣ୍ଡ ମହାଦୁର୍ନୀତି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାକୁ ସିବିଆଇ ତଦନ୍ତ ପରିସରଭୁକ୍ତ କରି ମାମଲାର ତଦନ୍ତ ମଧ୍ୟ ଚଳାଇଥିଲା । ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ଶେଷରେ ଗତ ୨୦୧୩ ମାର୍ଚ୍ଚ ୯ ତାରିଖରେ ଚିଟ୍‌ଫଣ୍ଡ କମିଶନ ଗଠନ କରିଥିଲେ । ସିକିମ୍ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଆର୍.କେ ପାତ୍ରଙ୍କୁ କମିଶନ ଭାବେ ନିଯୁକ୍ତି ଦିଆଯାଇଥିଲା । କମିଶନଙ୍କୁ ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା । ଏଥିରେ ୫ ଟି ଟର୍ମ ଅଫ୍ ରେଫରେନସ୍ ରଖାଯାଇଥିଲା । କେଉଁ ବ୍ୟକ୍ତି ଏବଂ ସଂସ୍ଥା ଓଡିଶାରେ ବେଆଇନ ଭାବେ ଅର୍ଥ ଆଦାୟ କରିଛନ୍ତି ସେମାନଙ୍କୁ ଚିହ୍ନଟ କରିବା, କେଉଁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଅଥବା ଅମଲାତନ୍ତ୍ରୀମାନେ ଏଥିରେ ସମ୍ପୃକ୍ତ ଏବଂ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇଛନ୍ତି ସେ ସମ୍ପର୍କରେ ତଦନ୍ତ କରିବା, କ୍ଷତିଗ୍ରସ୍ତ ଜମାକାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରସ୍ତାବ ଦେବା, ଭବିଷ୍ୟତରେ କିପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ପ୍ରସ୍ତାବ ଦେବା ଏବଂ ଶେଷରେ କ୍ଷୁଦ୍ର ଏବଂ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରି କିପରି ସେମାନେ କର୍ପସ ଫଣ୍ଡରୁ ଜମାରାଶି ଫେରି ପାଇବେ ସେ ସମ୍ପର୍କରେ ରିପୋର୍ଟ ଦେବାକୁ କୁହାଯାଇଥିଲା । ତଦନ୍ତ ଅବଧି ମଧ୍ୟରେ ଜଷ୍ଟିସ୍ ଆର୍.କେ ପାତ୍ରଙ୍କର ଦେହାନ୍ତ ପରେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ମଦନ ମୋହନ ଦାସଙ୍କୁ ଗତ ୨୦୧୫ ଫେବୃଆରୀ ୨୦ ତାରିଖରେ ତଦନ୍ତ ଭାର ଦିଆଯାଇଥିଲା । ଟର୍ମ ଅଫ୍ ରେଫରେନ୍ସ୍ ଅନୁଯାୟୀ କମିଶନ ୩ ମାସ ମଧ୍ୟରେ ରିପୋର୍ଟ ଦେବା କଥା । ମାତ୍ର କମିଶନ ତଦନ୍ତ ପାଇଁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ନେଇ ସାରିଲେଣି । ଯଦିଓ ଇତି ମଧ୍ୟରେ କମିଶନ ଗଠନକୁ ୪ ବର୍ଷରୁ ଅଧିକ ସମୟ ପୂରିଲାଣି ତଥାପି କମିଶନ ଚିଟ୍‌ଫଣ୍ଡ ମାମଲାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇ ନାହାନ୍ତି । ଇତି ମଧ୍ୟରେ ତଦନ୍ତ କମିଶନ ରାଜ୍ୟ ସରକାରଙ୍କୁ ୪ ଟି ଅନ୍ତରୀଣ ରିପୋର୍ଟ ଦେଇ ସାରିଲେଣି । ଗତ ଜାନୁୟାରୀ ୧୮ ତାରିଖରେ କମିଶନ ଚତୁର୍ଥ ଅନ୍ତରୀଣ ରିପୋର୍ଟ ଦାଖଲ କରିଥିଲେ । ଦାଖଲ ରିପୋର୍ଟରେ ୫୫ ହଜାର ୫ ଶହ ୬୩ ଜଣ କ୍ଷୁଦ୍ର ଜମାକରୀଙ୍କୁ ଚିହ୍ନଟ କରାଯାଇଥିଲା । ଫ୍ଲୋରିସ୍ ଇଣ୍ଡିଆ ଚିଟ୍‌ଫଣ୍ଡ ସଂସ୍ଥାର ୧୦ ହଜାର ୩୭ ଜଣ କ୍ଷୁଦ୍ର ଜମାକାରୀ ରହିଛନ୍ତି । ସେହିପରି ସିସୋର୍ ଚିଟ୍‌ଫଣ୍ଡ ସଂସ୍ଥାର ୬ ହଜାର ୪ ଶହ ୯୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିବାବେଳେ ସାରଦା ଚିଟ୍‌ଫଣ୍ଡ ସଂସ୍ଥାର ୩ ହଜାର ୭ ଶହ ୯୮ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ୨ ହଜାର ୩ ଶହ ୧୦ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହ

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ ଫେବୃଆରୀ - ୨୫ ଫେବୃଆରୀ, ୨୦୧୮

ସମୟ କହିବ

ବର୍ତ୍ତମାନ ସମୟରେ ରାଜନୀତିରେ ସେବା ଅପେକ୍ଷା ସ୍ୱାର୍ଥ ମନୋଭାବ ବୃଦ୍ଧି ପାଇବା ଫଳରେ ସାଧାରଣ ଲୋକ ଉପକୃତ ହେବା ବଦଳରେ ଉପହାସିତ ହେଉଛନ୍ତି। ଯେଉଁ ନୀତି ଆଦର୍ଶକୁ ପୁଞ୍ଜି କରି ପୂର୍ବେ ନେତାମାନେ ଜନପ୍ରତିନିଧି ଭାବେ ନିର୍ବାଚିତ ହେଉଥିଲେ ସେମାନେ ନିଜର ସ୍ୱାର୍ଥ ସୁରକ୍ଷା ଅପେକ୍ଷା ଲୋକଙ୍କ କାର୍ଯ୍ୟରେ ନିୟୋଜିତ ହୋଇ ନିଜ ପାଇଁ ଆଦର୍ଶ ସୃଷ୍ଟି କରୁଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ,ନବକୃଷ୍ଣ ଚୌଧୁରୀ, ବୀରେନ ମିତ୍ର, ବିଜୁ ପଟ୍ଟନାୟକ, ସଦାଶିବ ତ୍ରିପାଠୀ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିଶ୍ୱନାଥ ଦାଶ, ନନ୍ଦୀନ ଶତପଥୀ, ବିନାୟକ ଆଚାର୍ଯ୍ୟ, ନିଳମଣୀ ରାଉତରାୟ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭଳି ବିଦ୍ୱାନ ନେତୃବର୍ଗ ରାଜ୍ୟର ଗୌରବ ବୃଦ୍ଧି ପାଇଁ ଅନେକ ସ୍ମରଣୀୟ କାର୍ଯ୍ୟ କରିଯାଇଛନ୍ତି। ଯଦିଓ ସେ ସମୟରେ ରାଜନୀତିରେ ଅସହିଷ୍ଣୁତା ଓ ଦଳଗତ ମତ ପାର୍ଥକ୍ୟ ରହିଥିଲା ତଥାପି ସେମାନେ କୌଶଳର ସହିତ ଏହାର ସମାଧାନ କରି ପୁଣି ସୁଶାସନ ଦେବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଏଥିରେ ଶାସକ-ବିରୋଧୀ ଭାବ ଭିତରେ ବି ଉତ୍ତମ ବୁଝାମଣା ଏବଂ ସମସ୍ୟାର ସମାଧାନ ପାଇଁ ଆନ୍ତରିକ ଆଲୋଚନା ହିଁ ପ୍ରଶାସନକୁ ସଠିକ୍ ଢଙ୍ଗରେ ପରିଚାଳିତ କରିପାରୁଥିଲା। ହେଲେ ବିଗତ କିଛିବର୍ଷ ହେବ ଦେଖାଯାଉଛି ଯେ, ଯେଉଁମାନେ ଜନପ୍ରତିନିଧି ଭାବେ ଉଭା ହେଉଛନ୍ତି ସେମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଅପେକ୍ଷା ରାଜନୀତିକୁ ଏକ ଟାଣୁଆ ଅସ୍ତ୍ର ଭାବେ ବ୍ୟବହାର କରି ସମାଜରେ ନିଜର ପଦିଆରା ବୃଦ୍ଧି ପାଇଁ ଲାଗି ପଡୁଛନ୍ତି। ଯଦିଓ ସାଧାରଣ ଲୋକଙ୍କ କିଛି କିଛି ସ୍ୱାର୍ଥକୁ ରକ୍ଷା କରାଯାଇପାରୁଛି ତାହା ସଠିକ୍ ଭାବେ ହୋଇପାରୁନାହିଁ। କାରଣ ଜଣେ ଜନପ୍ରତିନିଧି ଲୋକଙ୍କ ହିତ ଦୃଷ୍ଟିରୁ କାର୍ଯ୍ୟ କଲା ବେଳେ ସେଥିରେ ପାତର ଅନ୍ତର ବଦଳରେ ସମସ୍ତଙ୍କ ପାଇଁ ସମାନ ଚିନ୍ତାର ଆବଶ୍ୟକତା ଥାଏ। ଯାହାକୁ ପରିପୂରଣ କରିବା ଦିଗରେ ସମ୍ପୃକ୍ତ ନେତା ବା ଜନପ୍ରତିନିଧି ନିଜର ସାଧ୍ୟମତେ ଚେଷ୍ଟା କରି ଲୋକଙ୍କୁ ଆଶ୍ୱସ୍ତ କରିଥାନ୍ତି। ଏଥିରେ ଦଳମତ ନିର୍ବିଶେଷରେ ସାଧାରଣ ଲୋକଙ୍କ ସ୍ୱାର୍ଥ ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ହେଲେ ପରିବର୍ତ୍ତିତ ପରିସ୍ଥିତିରେ ରାଜନୀତିର ରୂପରଙ୍ଗ ସବୁ ଯେଭଳି ବଦଳି ଯାଇଥିବା ପରି ଅନୁଭବ ହେଉଛି। ଆଗରୁ ଲୋକଙ୍କ ସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା ନେତାମାନେ ଲୋକଙ୍କୁ ବର୍ଗୀକରଣ ନକରି ସମସ୍ତଙ୍କୁ ସମାନ ଭାବେ ଦେଖିବା ସହିତ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇ ସାଧ୍ୟମତେ ସହଯୋଗର ହାତ ବଢ଼ାଇ ଦେଉଥିଲେ। ଏବେ କିନ୍ତୁ ଏହି ଚିନ୍ତାଧାରା ବଦଳି ଯାଇଥିବା ସ୍ପଷ୍ଟ ଅନୁମେୟ ହୁଏ। କାରଣ ବର୍ତ୍ତମାନର ରାଜନେତାମାନେ ଦଳ ଆଧାରରେ ଲୋକଙ୍କୁ ବାଣ୍ଟିକୁଣ୍ଟି ସହାୟତା ଯୋଗାଇ ଦେବା ସହିତ ଅନ୍ୟ ଦଳର ଲୋକ ବୋଲି ଭାବି ନେଇଥିବା ଜନସାଧାରଣଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭିତରକୁ ଟାଣି ନେବାକୁ ପଛାଉ ନାହାନ୍ତି। ଯାହାଫଳରେ ରାଜନୀତିରେ ନୀତି ଓ ଆଦର୍ଶ ଆଉ ଗୁରୁତ୍ୱ ବହନ କରୁନାହିଁ। ଉପେକ୍ଷିତ ଲୋକମାନେ ସାଧାରଣରେ ସ୍ୱର ଉତ୍ତୋଳନ କରିବା ସହିତ ତାଙ୍କ ସହ ଘଟୁଥିବା ଘଟଣାକୁ ନେଇ ବିଭିନ୍ନ ଦାବି ଉତ୍ଥାପନ କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁଥିପାଇଁ ଆନ୍ଦୋଳନ ଓ ବିକ୍ଷୋଭ ଦାନା ବାନ୍ଧିବା ଦ୍ୱାରା ଏହା ଶାସନ ଓ ପ୍ରଶାସନକୁ ବିଭିନ୍ନ ସମୟରେ ଅଡୁଆରେ ପକାଉଛି। ସ୍ୱାଭାବିକ ଭାବେ ବିଚାର କଲେ ଜଣାପଡେ ଯେ, ଲୋକଟିଏ ନ୍ୟାୟ ନପାଇ ତା' ମନରେ ସ୍ୱତଃ ବିଦ୍ରୋହ ଭାବନା ଜାଗିଥାଏ। ଏହାର କାରଣ ନ୍ୟାୟ ପାଇବାରୁ ବଞ୍ଚିତ ଲୋକଟିଏ ନ୍ୟାୟ ପାଇବାକୁ ଯେକୌଣସି ମାଧ୍ୟମର ସାହାରା ଲୋଡିଥାଏ। ଏଥିରେ ତା'ର ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୂହିକ ସ୍ୱାର୍ଥ ଯୋଡିହେବା ଫଳରେ ଏହି ଦାବିର ସ୍ୱର ତୀବ୍ର ଆଡକୁ ଗତିକରେ। ଏହି ସମୟରେ ଉପେକ୍ଷିତ ଲୋକଙ୍କୁ ସହାୟତା କରିବାକୁ ଆସି କିଛି ରାଜନେତା ଚର୍ଚ୍ଚାରେ ରହିବା ସହିତ ଘଟଣାକୁ ଉତ୍ତେଜନାପୂର୍ଣ୍ଣ କରିପକାଇବା ଅନେକ ନଜିର ରାଜନୀତିକୁ କଳୁଷିତ କରିଥିବା ଅନୁଭବ ହୋଇଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ନ୍ୟାୟ ପାଇବାରୁ ବଞ୍ଚିତ ଲୋକମାନଙ୍କୁ ନ୍ୟାୟ ମିଳେ କି ନମିଳେ ଏହା ସମସ୍ତେ ପରେ ଅନୁଭବ କରୁଥିଲେ ବି ରାଜନୀତିର ରଙ୍ଗ ଲାଗିବା ଫଳରେ ମୂଳ ଘଟଣାର ଗୁରୁତ୍ୱ କ୍ରମେ ହ୍ରାସ ପାଏ। ଫଳ ସ୍ୱରୂପ ଦାବି ପୂରଣ ପାଇଁ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଦେଖାଦିଏ ଏବଂ ଘଟଣାକୁ ଦାବିଦେବା ପାଇଁ ଅନେକ ପ୍ରକାର ଚେଷ୍ଟା ମଧ୍ୟ କରାଯାଏ। ତେଣୁ ଭାବିବାର କଥା ଯେ, ଉପେକ୍ଷିତ ପାଇଁ ଲଢ଼େଇରେ ବାସ୍ତବରେ ଉପେକ୍ଷିତ କେତେ ଲାଭବାନ ହେଲା। ବରଂ ସାଧାରଣ ଲୋକର ସମସ୍ୟାକୁ ନେଇ ଲଢ଼େଇ କରୁଥିବା ଲୋକଟି ଚର୍ଚ୍ଚାରେ ରହିବା ସହିତ ନିଜ ନେତୃତ୍ୱକୁ ଯଥେଷ୍ଟ ଭାବେ ଦୃଢ଼ କରିବାରେ ସମର୍ଥ ହୋଇପାରିଲା। କିନ୍ତୁ ତା'ରି ଭିତରେ ସାଧାରଣ ସ୍ୱର କୁଆଡେ ମିଳେଇଗଲା ଯେ, ତାହା ବୁଝିପାରିବା ମୁସ୍କିଲ। ଧନୀ ଗରିବଙ୍କ ବର୍ଗୀକରଣ ଭିତରେ ଗରିବ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଆଜିକାଲି ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ, ଧନୀ ଲୋକଟିଏ ନିଜର ଶତପ୍ରତିଶତ ଭୁଲ ଥିବା ସତ୍ତ୍ୱେ ପ୍ରଭାବ ବିସ୍ତାର କରି ନିଜ ପାଇଁ ଯେଭଳି ସାବାସୀ ଯୋଗାଡ କରିପାରୁଛି ତାହା ଗରିବ କ୍ଷେତ୍ରରେ ହୋଇପାରୁନାହିଁ। କାରଣ ସାମାଜିକ ଅସମାନତା, ନିରପେକ୍ଷ ନ୍ୟାୟ ଏବଂ ଜନପ୍ରତିନିଧିଙ୍କ ନିଜ-ପର ବିଚାର ଗରିବ ଲୋକଟିକୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ବା ପୀଡିତ ନିଜର ଦୁଃଖ କାହାକୁ ଶୁଣାଇବ ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ଆହ୍ୱାନ ହେବାକୁ ଯାଉଛି।

ପରିବର୍ତ୍ତିତ ପରିସ୍ଥିତିରେ ଅନେକାନକ ଘଟଣା ରାଜ୍ୟ ରାଜନୀତି ପାଇଁ ବିସ୍ମୟ ସୃଷ୍ଟି କରିଥିଲା ବେଳେ କେତେକ ଘଟଣାରେ ପ୍ରଶାସନର ଅପରିଣାମଦର୍ଶିତା ଲୋକଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ପଙ୍ଗୁ ହୋଇଥିବା ଭଳି ମନେ ହେଉଛି। ବିଭିନ୍ନ ରାଜନୈତିକ ଦଳମାନେ ସମ୍ପ୍ରତି ଯେଭଳି କାଦୁଅ ଫିଙ୍ଗା ରାଜନୀତି କରୁଛନ୍ତି ତାହା ଆଦୌ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ପ୍ରତ୍ୟେକ ବାଦ ବିବାଦର ଏକ ସୀମାରେଖା ଥିଲା ବେଳେ ଏହାକୁ କିଛି ନେତା ଉଲ୍ଲଙ୍ଘନ କରୁଥିବା ସ୍ପଷ୍ଟ ଅନୁମେୟ ହୁଏ। ଯେଉଁଥିପାଇଁ ଲୋକଙ୍କ ମନରୁ ପ୍ରଶାସନ ପ୍ରତି ଥିବା ଆଶା ଓ ଭରସା ତୁଟିଯିବା ଫଳରେ ବ୍ୟବସ୍ଥାରେ ତ୍ରୁଟି ଥିବା ପଦାକୁ ଚାଲିଆସେ। ଏହି ତ୍ରୁଟି ବିଚ୍ୟୁତିକୁ ନେଇ କିଛି ରାଜନୈତିକ ଦଳ ନିଜ ପାଇଁ ମସଲା ସଂଗ୍ରହ କରିବା ସହିତ ଘଟଣା ବା ଦୁର୍ଘଟଣାକୁ ଅତ୍ୟନ୍ତ ରଙ୍ଗୀନ କରି ଲୋକଙ୍କ ମନରେ ବିଷ ଭରିଦେବା କିଛି ନୂଆକଥା ହୋଇନାହିଁ। ଆରୋପ-ପ୍ରତ୍ୟାରୋପ ରାଜନୀତି କେବେ ସାଧାରଣ ଲୋକଙ୍କ ସ୍ୱାର୍ଥ ସହିତ ଜଡିତ ନୁହେଁ। ଏହା ବ୍ୟକ୍ତିଗତ ଭାବନା ଆଧାରିତ ଏବଂ ନିଜର ସ୍ୱାର୍ଥ ସମ୍ବଳିତ ଚିନ୍ତାଧାରା ବୋଲି ଜଣାଯାଏ। ନିକଟରେ ଘଟିଥିବା କିଛି ଘଟଣା ଏହାର ସ୍ପଷ୍ଟ ପ୍ରମାଣ ବୋଲି ଧରିନେବାକୁ ହେବ। ଯେଉଁଥିରେ କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ପୀଡିତାର ଆତ୍ମହତ୍ୟା, ଅଇଁଠାପାଲି ଥାନା ହାଜତରେ ଜଣେ ଆଦିବାସୀ ଯୁବକର ମୃତ୍ୟୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଅଣ୍ଡା ଫିଙ୍ଗି ଜେଲ୍ ଯାଇଥିବା ରାଜେଶ୍ୱରୀ କାମିଲାଙ୍କ ଘଟଣା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ। ଏ ସମସ୍ତ ଘଟଣା ରାଜ୍ୟ ରାଜନୀତି ପାଇଁ ନୀତିଗତ ସଙ୍କଟ ସୃଷ୍ଟି କରିଥିଲା ବେଳେ ଏହାକୁ ନେଇ ଯେଉଁମାନେ ଉପର ଠାଉରିଆ ଗୋଟି ଚାଳନା କଲେ ଏଥିରୁ କାହାକୁ କେତେ ଲାଭ ମିଳିଲା ତାହା ସମୟ କହିବ।

ପଞ୍ଚକଥା

ତାରକ ମହାନ୍ତି

ବିଚାର ଓ ଆମେ

ଗଜାନନ ମିଶ୍ର

ଆଇନ କାନୁନ ତିଆରି ହୋଇଚି ସମସ୍ତ ଲୋକଙ୍କ ମଙ୍ଗଳ ନିମନ୍ତେ, ସମାଜରେ ଶାନ୍ତିଶୃଙ୍ଖଳା, ସହାବସ୍ଥାନର ପ୍ରତିଷ୍ଠା ନିମନ୍ତେ । ଆଇନ ଅନୁଯାୟୀ ଶାସନ ଚାଲିଛି କି ନାହିଁ , ବିଚାର ବିଭାଗ ରହିଛି ଦେଖିବା ପାଇଁ, ଦୋଷୀକୁ ଦଣ୍ଡ ଦେବା ପାଇଁ। ବିଚାର ଏମିତି ଖୋଲାମେଲା , ଲୋକଙ୍କ ଭାଷାରେ ହିଁ ହେବା କଥା ଯେମିତି ଲୋକଙ୍କ ଭିତରେ କୌଣସି ସନ୍ଦେହ ଅବକାଶ ରହିବ ନାହିଁ। ବିଚାର ବିଭାଗ ପ୍ରତି ଲୋକଙ୍କ ମନରେ ସ୍ୱତଃ ସମ୍ମାନ ଦେବାର ଆଗ୍ରହ ସୃଷ୍ଟି ହେବ। ସେମାନେ ଭାବିବେ ଯେ ଯାହା ହେଉ ତାଙ୍କ ପାଇଁ ବିଚାରାଳୟ ରହିଛି। ଧନି,ମାନୀ ପ୍ରତିପତିଶାଳୀ ତାଙ୍କର କିଛି କରିପାରିବ ନାହିଁ । କିନ୍ତୁ ଆଜିକାଲି ଫଳ ହେଉଛି ଓଲଟା । ଧନୀ, ମାନୀ, ଶକ୍ତିଶାଳୀଙ୍କ ପାଇଁ ବିଚାରବିଭାଗ ଚାଲିଥିବା ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି। କଥାରେ ଅଛି ଗରିବ ନ କରିବୁ ହରି, ଗରିବ ସଭିଙ୍କ ବଇରୀ । ଆଜିକାଲିର ଚଳଣିର ବି ବଦଳ ହୋଇସାରିଛି। ଆମେ ଫେସନ ଦୁନିଆକୁ ଚାହିଁ ଆଉ ଚନ୍ଦନ, ଆମ୍ବ, ଚଂପାକୁ ଆଦର କରୁ ନାହୁଁ, ଆଦରରେ ରକ୍ଷା କରିଚାଲିଛୁଁ ବାଉଁଶଗଛଗୁଡିକୁ । ହଂସ ମୟୂର କୋକିଳକୁ ହିଂସା କରୁଛୁଁ । ଗଧକୁ କିଣୁଛୁଁ ହାତୀକୁ ଛାଡି । କର୍ପୂର ଓ ତୁଳାକୁ ସମତୁଲ କରୁଛୁଁ। ଭଲ ଜିନିଷ ଆଉ ମିଳିବ କୋଉଠୁ ? ନିଜ ସ୍ତ୍ରୀ ଯେତେ ସୁନ୍ଦରୀ, ଗୁଣର ହୋଇଥିଲେ ବି , ପର ସ୍ତ୍ରୀ ଯେତେ ଅସୁନ୍ଦରୀ , ଅଗୁଣର ହୋଇଥିଲେ ବି ତାକୁ କଣେଇ ଚାହୁଁ। ମଣିଷର ଏ ହୀନ ବୁଦ୍ଧି ହିଁ ତାକୁ ଧ୍ୱଂସ ଆଡକୁ ଟାଣି ନିଏ। ଡର ଭୟ ଆଉ କିଛି ନାହିଁ କାହାଠି। ଲଜ୍ଜା , ସଙ୍କୋଚ ଆଉ କଣ ମିଳିବ ? ଆମେ ସଚେତନ ହୋଇ ପାରି ନାହୁଁ , ନିଜକୁ ଜଗିରଖି ପାରୁ ନାହୁଁ , ନିଜ ଭାଷା ସଂସ୍କୃତିକୁ ଉପେକ୍ଷା କରିଚାଲିଚୁଁ , ଏହା ହେବା ଦ୍ୱାରା ଭୟଙ୍କର ବିପଦ ମାଡି ପଡୁଛି ଆମେ ଭୁଲିଯାଉଛୁଁ । ଆମର ସଂସ୍କୃତି ପରଂପରା ଇତିହାସରୁ ଲିଭି ଯିବ । ଆମେ ଜାଣିପାରୁ ନୁ । କିଏ କହିଲେ ଓଲଟି କହୁଛି। ଏହା ଅଛି, ରହିଥିଲା, ରହିବ। ଏହା ଆମର ଦଂଭୋକ୍ତି ଆଉ କିଛି ନୁହେଁ। କେତେ ମଲେଣି , ହଜିଗଲେଣି, ନିତ୍ୟ ମରୁଛନ୍ତି ତଥାପି ଆମେ ବଂଚୁଛୁଁ, ବଂଚି ରହିବୁ ବୋଲି ରଡିବା, ରଡିକରି କହିବାର କିଛି ମାନେ ନାହିଁ । ଏହା ଏକ ପାଗଳାମି । ବଂଚିବା ପାଇଁ ସମୟ ସହିତ , ପରିସ୍ଥିତି ସହିତ ଯୁଝିବାକୁ ପଡେ। ନିଜେ ପରିଚିତିକୁ ପ୍ରକାଶ କରିବାକୁ ପଡେ । ନ ହେଲେ ବିଲୁପ୍ତ ହୋଇଯିବାକୁ ସମୟ ଲାଗିବ ନାହିଁ। ନିଜକୁ ପ୍ରଥମେ ନିଜେ ଆଦର କରିବାକୁ ପଡିବ । ମଥାଟେକି ଚାଲିବାକୁ କିପରି ହୁଏ ପଡୋଶି ଓ ଅନ୍ୟମାନଙ୍କଠୁ ଶିଖିବାକୁ ହୁଏ । ଏଥିପାଇଁ ସବୁବେଳେ ନିଜର ଭାଷା, ଖାଦ୍ୟପେୟ, ଚଳଣି, ପର୍ବପର୍ବାଣିକୁ ବଂଚେଇ ରଖିବାକୁ ପଡିବ। ଏହା ହେଲେ ଯାଇ ଆମେ ମାଟିର ସୁଗନ୍ଧି ପାଇଁ , ମାଟିର ଭାଷା ପାଇଁ, ମାଟିର ଲୋକଙ୍କ ପାଇଁ କାର୍ଯ୍ୟ କରିପାରିବା ଏବଂ ଭବିଷ୍ୟତରେ ଆମେବଂଚିଛୁଁ ବୋଲି ଦୃଢ କଣ୍ଠରେ କହିପାରିବା। ନ ହେଲେ କେତେବେଳେ ନିଜ ଅଜାଣତରେ ବଦଳି ସାରିଥିବା କେହି କହି ପାରୁ ନ ଥିବେ। ଆଗପଛ ଦେଖି ସତର୍କ ରହିବାକୁ ହେବ। ନ ହେଲେ ବିହଙ୍ଗ ବିପ୍ଳବରେ ପକ୍ଷୀଗଣ ଗୁପ୍ତରେ ଏକପାଖିଆ ବିଚାର କରିଥିବା ବିଚାରପତି ମାଙ୍କଡକୁ କ୍ଷତାକ୍ତ କରି କରି ଶେଷ କଲାଭଳି ଅବସ୍ଥା ନ ହେବ କିଏ କହିବ ! ଜନତା ଜନାର୍ଦ୍ଦନ ଆଗରେ କି ରାଜା, କି ବିଚାରପତିଙ୍କ ଦୃଢୋକ୍ତି ! ଆମ ସମ୍ବିଧାନ ମଧ୍ୟ ପ୍ରଥମ ଶବ୍ଦ, ପ୍ରଥମ ଧାଡିରେ କହୁଛି ଆଂଭେ ଭାରତର ଲୋକେ ଦୃଢ ପ୍ରତିଜ୍ଞ .. ସୁତରାଂ ଯିଏ ଯୋଉ ପଦରେ ଥାଆନ୍ତୁ ନା କାହିଁକି, ଯାହାକିଛି କରୁଥାନ୍ତୁ ନା ନାଇଁ ଯଦି ଲୋକଙ୍କ ମଙ୍ଗଳ ପାଇଁ କରୁଛନ୍ତି ଲୋକଙ୍କ/ ମାଟିର ଭାଷାରେ ତେବେ ଜାଣିବାକୁ ହେବ ସେହିଁ ଗଣତନ୍ତ୍ରର, ସ୍ୱାଧୀନତାର ପ୍ରକୃତ ମର୍ମ ବୁଝିଛନ୍ତି । ଜାତିକୁ ଦେଶକୁ ଭଲ ପାଉଛନ୍ତି । ଲୋକ ବିରୋଧୀ କାର୍ଯ୍ୟକଲେ କେବେ ବି ପାର ହୁଏ ନାହିଁ । ଲୋକହିତ ପାଇଁ ହିଁ ଧର୍ମ ରହିଛି, ସତ୍ୟ ରହିଛି, ପ୍ରେମ ରହିଛି । ଯୁଗେ ଯୁଗେ ଅସତ୍ୟର ହିଂସାର, ପ୍ରତିଶୋଧର ହାର ହୋଇଛି । ଏହା ଆଜିର ବିଚାର ବିଭାଗ ସମେତ ଅନ୍ୟ ସମସ୍ତେ ଶାସନ ସହିତ ଜଡିତ ଥିବା ଲୋକେ ବେଳ ଥାଉ ଥାଉ ବୁଝିଯିବା ଉଚିତ ।

ତପୋବନ, ଟିଟିଲାଗଡ, ବଲାଙ୍ଗିର

ଇତିହାସରୁ ଗପଟିଏ

ଡ. ସତ୍ୟନାରାୟଣ ମିଶ୍ର

ଶେରସାହ ସୂରୀଙ୍କ ଦରବାର ସେଦିନ ବେଶ୍ ଭରପୂର ହୋଇଥିଲା। ଆବାଳ, ବୃଦ୍ଧ ବନିତା ଆଶଙ୍କିତ ଅବସ୍ଥାରେ ପ୍ରତୀକ୍ଷା କରିଥିଲେ ଏକ ଅଭୂତ ମୁହୂର୍ତ୍ତକୁ। ସଭାସଦମାନେ ଚିନ୍ତାନ୍ୱିତ ଅବସ୍ଥାରେ ଥିଲେ। ନିଜର ନ୍ୟାୟ ପାଇଁ ପ୍ରସିଦ୍ଧ ବାଦଶାହ ଶେରସାହ ସୂରୀ ଆଜି କି ବିଚାର କରିବେ। ଦେଖିବା ପାଇଁ ଲୋକମାନେ ଉତ୍ସୁକତାର ସହିତ ଅପେକ୍ଷା କରିଥିଲେ। କାଳେ କିଛି ଅଘଟଣ ଘଟିଯିବ ସେ ଆଶଙ୍କା ଓ ଭୟରେ ସମଗ୍ର ସଭା ସ୍ଥଳରେ ଅପୂର୍ବ ଆଶଙ୍କା ଓ ଭୟ ଘେରି ରହିଥିଲା।

ନ୍ୟାୟ ପାଇବା ଆଶାରେ ଆସିଥିଲା ଏକ ଗୁଡିଆ ଓ ତାର ସୁନ୍ଦରୀ ପତ୍ନୀ। ଅପରପକ୍ଷରେ କାଠଗଡାରେ ଠିଆ ହୋଇଥିବା ଅପରାଧୀ ଜଣକ ଆଉ କେହି ନଥିଲା, ଥିଲା ସ୍ୱୟଂ ବାଦଶାହଙ୍କ ପୁତ୍ର ଜଲାଲ୍ ଖାନ୍। ଯଥା ସମୟରେ ବିଚାର ପ୍ରକ୍ରିୟା ଆରମ୍ଭ ହେଲା। ବାଦ୍‌ଶାହଙ୍କ ସଙ୍କେତ କ୍ରମେ ଗୋଟିଏ ପରେ ଗୋଟିଏ ମାମଲା ପେଶ୍ ହେବାର ବନ୍ଦୋବସ୍ତ କରାଗଲା। ପ୍ରଥମ ମାମଲା ଥିଲା, ଗୁଡିଆ ପରିବାର ଓ ଜଲାଲ୍ ଖାନର ବିବାଦ।

ବାଦ୍‌ଶାହହଙ୍କ ଆଦେଶକ୍ରମେ ବିଚାର ଆରମ୍ଭ ହୁଅନ୍ତେ, ପ୍ରଥମେ ଗୁଡିଆ ଭୟ କରିଯାଇଥିଲା, ମାତ୍ର ତା'ର ପତ୍ନୀ ନିର୍ଭୀକ ଭାବରେ ଠିଆ ହୋଇରହିଥିଲା। ବାଦ୍‌ଶାହ ଅଭୟ ଦେଇ କହିଲେ- ଭୟ କରନାହିଁ। ହେ ଅଭିଯୋଗକାରୀ ପ୍ରଜା, କୁହତ ତୁମ ସ୍ତ୍ରୀ ସହ କି ଅନ୍ୟାୟ ହୋଇଛି ? ଗୁଡିଆ ଥତମତ ହେବାର ଦେଖି ତା'ର ସ୍ତ୍ରୀ ପ୍ରାର୍ଥନା କଲା - 'ହଜୁର ! ଯଦି ଆପଣ ଅନୁମତି ଦେବେ, ତା'ହେଲେ ମୋର ସ୍ୱାମୀ କହିପାରୁନଥିବା ଘଟଣା ଓ ମୋ ପ୍ରତି ହୋଇଥିବା ଦୁର୍ବ୍ୟବହାରକୁ ମୁଁ ବର୍ଣ୍ଣନା କରିବି। ବାଦଶାହ ଆଦେଶ ଦେଲେ - ' ଅନୁମତି ଦିଆଗଲା, ବୟାନ ଆରମ୍ଭ କର'। ଗୁଡିଆର ପତ୍ନୀ ଅପମାନରେ ଜର୍ଜରିତ ହୋଇ ରହିଥିଲା। କିନ୍ତୁ ଆକ୍ରୋଶହୀନ ଓ ସଂଯତ ଢଙ୍ଗରେ ଉତ୍ତର ଦେଲା - 'ଜହାଁପନା। ଆମର ନିଜ ଘରର ସ୍ନାନାଗାର କାନ୍ଥରେ କେତେଗୁଡିଏ ବଡ ବଡ ଝରକା ଅଛି। ଗତ ଝଡବାତ୍ୟାରେ କେତୋଟି ଝରକା ତା ମଧ୍ୟରୁ ଭାଙ୍ଗି ଯାଇଅଛି। ଯଦିଓ ଝରକା ଗୁଡିକ ଉଚ୍ଚତାରେ ଅଛି, ତଥାପି ହାତୀ ପିଠିରେ ବସି ଯାଉଥିବା ଲୋକ ନଜରରେ ସ୍ନାନାଗାର ଭିତର ସହଜରେ ଦେଖିହେବ ସମ୍ରାଟ୍। ଆଜି ମୁଁ ଅଳ୍ପ ବସ୍ତ୍ର ପରିଧାନ କରି ସ୍ନାନାଗାରରେ ସ୍ନାନ କରୁଥିବା ସମୟରେ ହଠାତ୍ ମୋ ପିଠିରେ ହାଲ୍‌କା ବସ୍ତୁଟିଏ ପଡିବାର ଅନୁଭବ କଲି। ଆଉ ଯାହା ଦେଖିଲି ଚମକି ଗଲି। ମୋ ପଠିରେ ପଡିଥିବା ବସ୍ତୁଟି ଗୋଲାପ ଫୁଲ ଥିଲା ଆଉ ଝରକା ସେପାରିରେ ଯିଏ ତାକୁ ପକାଇଥିଲେ, ସେ ହେଲେ ଆପଣଙ୍କର ପୁଅ ଜଲାଲ ଖାନ୍। ଯିଏକି ହାତୀ ପିଠିରେ ଯିବା ସମୟରେ ମୋ ଉପରେ ନଜର ପଡିବାର ଏପରି କରିଥିଲେ। ଅପମାନର କଥା ଯେ, ସମ୍ରାଟଙ୍କ ପୁଅ ଅତି ନିର୍ଲଜ ଭାବରେ ହୁସଥିଲେ ଏବଂ ମୁଁ ଦେହରେ ତରବରରେ ଲୁଗା ଛଡାଇ ହୋଇ ଫେରି ଆସିବା ବେଳକୁ ଆଉ କେତେକ ଗୋଲାପ ଫୁଲ ପକାଇଲେ। ଗୁଡିଆର ସ୍ତ୍ରୀ କଥାରେ ଅପମାନ, କ୍ଷୋଭ ଏବଂ ପୀଡା ବାରି ହୋଇପଡୁଥିଲା। ସେ ପୁଣି କହିଲା - ହଜୁର, ଏହା କ'ଣ ନାରୀ ଜାତିର ଅପମାନ ନୁହେଁ। ଏତିକି କହି ଗୁଡିଆର ପତ୍ନୀ ନିରବ ହୋଇଗଲା। ତା'ର ଏହି ପୀଡା ଶୁଣି ସଭାସ୍ଥଳ ସ୍ତବ୍ଧ ହୋଇଯାଇଥିଲା। ନାରୀମାନେ ଆଖି ତଳକୁ କରିଦେଇଥିଲେ। ସମସ୍ତେ ମନେ ମନେ କହୁଥିଲେ 'ଜହାଁପନା ଏହା ଅତୀତ ଅପମାନ ଓ ଅନ୍ୟାୟ ଏବଂ ଉପଯୁକ୍ତ ଦଣ୍ଡ ମିଳିବା ଦରକାର।

ବାଦ୍‌ଶହ ସବୁ କିଛି ଶୁଣିଲେ ଓ ଜଲାଲ ଖାନ୍‌କୁ ପ୍ରଶ୍ନ କଲେ 'କଣ ଏସବୁ ସତ୍ୟ ଅଟେ' ? ଜଲାଲ୍ ଖାନ୍ ଆଖି ତଳକୁ କରିଦେଲା ଓ ମୁଣ୍ଡ ହଲାଇ 'ହଁ' ମାରିଲା। ସମସ୍ତେ ଜାଣିଥିଲେ ବାଦ୍‌ଶାହ କାହାକୁ କ୍ଷମା କରନ୍ତିନି। ଦେଖାଯାଉ କ'ଣ ଦଣ୍ଡ ଦିଆଯାଉଅଛି। ସିଂହାସନରେ ବାଦ୍‌ଶାହ। ନ୍ୟାୟ ଆଦେଶ



ତନ୍ଦ୍ରା ଅନେକ ଦିନ ହେଲାଣି ଶୋଇନି। ତା ଉଦାସ ଚେହେରାକୁ ଦେଖି ତୁହିନାଂଶୁ ଆଜି ପଚାରୁଥିଲେ

ମାଆରେ..ତୋ ଦେହ ଭଲ ଅଛି ତ ? ଶୁଖିଲା ଦିଶୁଛୁ କାହିଁକି ? ପଢାପଢିରେ ବି ତୋର କାଳେ ଧ୍ୟାନ ନାହିଁ ବୋଲି ଅଭିଯୋଗ ଆସୁଛି ମୋ କଲିଗ୍‌ଙ୍କଠାରୁ। ତୋ ସାଙ୍ଗମାନଙ୍କ ସହିତ ଝଗଡା କରିଛୁ କି ମାଆ ? ନା ଆଉ କିଛି !

ନା ପାପା କିଛି ନାହିଁ। ମିଗ୍ରେନ୍‌ରେ ଭାରି ହଇରାଣ ହେଉଛି। କେତେ ଆଉ ବିଭିନ୍ନ ପ୍ରକାରର ମେଡିସିନ୍ ଖାଇବି ! ବିରକ୍ତ ଲାଗିଲାଣି !

ତୁ ନିଜେ ତୋ ଦେହର ଯତ୍ନ ରଖ ମାଆ। ଖାଇବା ପିଇବାର ଧ୍ୟାନ ରଖିଲେ ମିଗ୍ରେନ୍ ହେବନି। ଏତିକି ବେଳେ ମାମା ଖୁସିରେ ଗଦଗଦ ହୋଇ କହିଲେ-

ତୁମ ଝିଅ ଆଜିକାଲି ରୋଷେଇ ଘରକୁ ଗଲାଣି। ନିଜ ହାତରେ ରାନ୍ଧିବାକୁ ଭାରି ଆଗ୍ରହ ତାର। କେତେ ଦାୟିତ୍ୱହୀନା ଥିଲା ସେ ! ନିଜ ରୁମ୍‌କୁ ଖତଗଦା ବନାଉଥିଲା ଆଗରୁ। ଆଜିକାଲି ବେଶ୍ ପରିଷ୍କାର ପରିଚ୍ଛନ୍ନ, ସମୟ ସଚେତନ। ଖୁବ୍ ପରିବର୍ତନ ହେଉଛି ତାର। ମୋତେ ତ ଭୟ ଲାଗୁଥିଲା-ଏ ଭବିଷ୍ୟତରେ କରିବ କଣ ! ନିଜ ସଂସାର ବସେଇବ କିପରି ! ହେଲେ ଏବେ ମୋର ସେ ଚିନ୍ତା ବି ଯାଇଛି। ମୁଁ କିନ୍ତୁ ଖୁବ୍ ଖୁସି।

ସତରେ ? ତୁହିନାଂଶୁ ବି ଖୁସିରେ ପଚାରିଲେ। ପାପାମାମାଙ୍କ ହସରୋଳ ଭିତରେ ସେ କିନ୍ତୁ ଭାଙ୍ଗିପଡୁଥିଲା। ତା ଭିତରର ଗୋଟେ ରୂପାନ୍ତରିତ ଚେହେରା ଅସ୍ତ ହୋଇ ଆସୁଥିଲା। ଭାବୁଥିଲା ସତଟା ସେମାନଙ୍କୁ କେତେ ଦୁଃଖୀ କରିଦେବ ସତରେ ! କାଇଁ ଗୋଟେ ଅସଂଭବ ଆକର୍ଷଣରେ ଟାଣି ହୋଇ ଚାଲିଗଲା ସେ ଏତେ ଦୂର ଯେଉଁଠୁ ଫେରିବାକୁ କଷ୍ଟ ହେଉଛି। ମାତ୍ର କେଇଟା ଦିନରେ କାହିଁକି ତାର ଏ ପାଗଳପଣ ? କାଲିଠୁ ଦେବଦାସ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଗଲେ ହୁଏତ ଏମିତି ଅସୁବିଧା ହୋଇନପାରେ। ତା ଭିତରେ ସୃଷ୍ଟି ହୋଇଥିବା ପାପବୋଧରୁ ମୁକ୍ତି ମିଳିଯିବ ଓ ତା ପ୍ରାୟଶ୍ଚିତ ବି ସରିଯିବ।

ତାପରେ ସେ ପୁଣି ସେଇ ଅଳସେଇ ମଠେଇ ତନ୍ଦ୍ରା ପାଳଟିଯିବ ! ସକାଳଟାରୁ ବିଛଣାରେ ଲାଖି ଚିନ୍ନାମ୍ମାକୁ ଡାକ ଦେବ କଫି ପାଇଁ। ବେଡ୍ ଉପରେ ବସିଯିବ ବ୍ରେକ୍ ଫାଷ୍ଟ୍ କରିବାକୁ। ବିଛଣାକୁ ସେମିତି ଛାଡି ଦେଇ ବାଥ୍ ରୁମ୍ ପଳେଇବ ଆଉ ସେଠୁ ଆସି ସିଧା ଇନ୍‌ଷ୍ଟିଚ୍ୟୁସନ୍। ମାମା ଯେତେ ରାଗିଲେ ବି ପରବାୟ ନାହିଁ। ଚିନ୍ନାମ୍ମା ଯେତେ ଡାକିଲେ ବି ଉତର କିଏ ଦେବାକୁ ଥିବ ଯେ !

ମନେପଡୁଛି ଦେବଦାସର କିଛି କଥା-ତୁମ ସାଙ୍ଗ ରେଣୁକା ଖୁବ୍ ଜିନିଅସ୍ ନା ? ତା ବିଚାରଧାରା,କହିବାର ଶୈଳୀ ଓ ସେ ଖୁବ୍ ଆମେଜିଂ। ତାଙ୍କୁ ଦେଖିଲେ ଉତ୍ସାହିତ ଲାଗେ। କିନ୍ତୁ କଥା ହେବାକୁ ଭୟ ଲାଗେ। ପୁରା ଚମକିଲା ଭଳି ବ୍ୟକ୍ତିତ୍ୱ। ତାଂକ ଉପସ୍ଥିତି ହିଁ ଉଜ୍ଜଳତା ବଢାଇଦିଏ ପୁରା ଆସରର। ଭାବିନିଅ ମୁଁ ତାଙ୍କର ଗୋଟେ ବଡ ଫ୍ୟାନ୍ ବା ପ୍ରଶଂସକ। ସେତେବେଳେ ତା ଆଖିରେ ତାରାମାନଙ୍କ ଚମକ। ତା ମୁହଁରେ ଇନ୍ଦ୍ରଧନୁ ପରି ଅଜାଡି ହୋଇପଡୁଥିବା ଆନନ୍ଦର ଫୁଆରା। ଯେପରି ସେ ଆଉ ଧରି ରଖିପାରିବନି ଅସହିଣୀ ବୋଝକୁ। ଅଦିନିଆଁ ବର୍ଷାରେ ସବୁ ଭସାଇଦେବ ନିଜ ଭିତରୁ।

ସେ ସେମିତି କହିଚାଲିଥିଲା କେବେ ପ୍ରଥମେ ତାକୁ ଦେଖିଥିଲା। କେବେ ସେ ତା ଛାଡି ଆସିଥିବା କଲମକୁ ଫେରାଇଥିଲା। ସେଥିପାଇଁ କିପରି ତାର ଗୋଟେ କ୍ଲାସ୍ ମିଶ୍ ହୋଇଥିଲା। ମ୍ୟାମ୍‌ଙ୍କଠୁ ଗାଳି ଶୁଣିଥିଲା। କିନ୍ତୁ ପ୍ରଥମ ଥର ପାଇଁ ରେଣୁକା ମୁହଁରୁ ଥାଙ୍କସ୍ ଶବ୍ଦ ଆଗରେ ସବୁ ତୁଚ୍ଛ ଲାଗୁଥିଲା। ମ୍ୟାମ୍‌ଙ୍କ ଗାଳି ବି ଶୁଭୁନଥିଲା। ରାତିସାରା ଖାଲି ସେ ମିଠା ସ୍ୱର ଆଗରେ ହଜିଯାଇଥିଲା। ନିଦ ତ ଧରା ଦେଉନଥିଲା। ଜାଣେନି କେତେବେଳେ ତା ମୁହଁରୁ ହସ ବାହାରି ଆସୁଥିଲା ନିଃଶବ୍ଦରେ.. ! ତା ପରେ ସେ ପଚାରିଲା

ଆଚ୍ଛା ତନ୍ଦ୍ରା..ଏମିତି ଫିଲିଙ୍ଗ୍‌ସ କାଇଁ ଆସିଲା ଜାଣିନି। ବୋଧେ ତାଙ୍କ ବ୍ୟକ୍ତିତ୍ୱ ହିଁ ସେମିତି ପ୍ରଭାବଶାଳୀ ! ତୁମ ସାଙ୍ଗ ନା ସେ ? ତାଙ୍କ ବିଷୟରେ କୁହ ଟିକେ। କୋହରେ ରୁଦ୍ଧ ହୋଇଆସୁଥିଲା ତନ୍ଦ୍ରା। କିନ୍ତୁ ବହୁତ କଥା କହିଲା। ପ୍ରକୃତରେ ସେ ସିନା ତାର ବହୁ ଦିନର ସାଙ୍ଗ ବୋଲି ତା ବିଶେଷତ୍ୱ ଦେଖିପାରିନି। ହେଲେ ଅନ୍ୟମାନଙ୍କ ପାଖରେ ତ ସେ ଗୋଟେ ଜୁଏଲ୍। କ୍ଲାସ୍ କରୁ କି ନକରୁ ସମସ୍ତେ ତାକୁ ପସନ୍ଦ କରନ୍ତି। ସେବେଠୁ ତା ମନ ଭାଙ୍ଗିଯାଇଚି ! କିଛି ଗୋଟେ ହଜିଯାଇଛି ଯେପରି ! ସେସବୁ ତା ଆଗ୍ରହ,ଉଦ୍ଦୀପନା।

କିନ୍ତୁ ରେଣୁକାର ଜନ୍ମଦିନ ସେ କିପରି ଭୁଲିଗଲା ? ଦେବଦାସ ସହିତ ମାତ୍ର କେଇଟା ଦିନର ସଂପର୍କରେ ସେ ଏତେ ହଜିଗଲା ଯେ ବର୍ଷବର୍ଷ ତଳର ସଂପର୍କକୁ ଫିକା ବନେଇ ଦେଲା ! ସତରେ ରେଣୁକା-ମୁଁ ଭୁଲ୍ କରିଛି। ବିନା ଦୋଷରେ ତୋତେ ଦଣ୍ଡ ଭୋଗିବାକୁ ଛାଡି ଦେଇଛି ଅଲକ୍ଷ୍ୟରେ। କିନ୍ତୁ ମୁଁ ସୁଧାରିନେବି। ତୋ ଜନ୍ମଦିନର ଉପହାର ତ ତୋତେ ନିଶ୍ଚୟ ଦେବି। **(କ୍ରମଶଃ...)**

ଗୀତି କବିତା

ଗୀତ ଗାଉଥିବା ଲୋକ

ସଂପଦ ନାୟକ

ଗୀତ ଗାଉଥିବା ଲୋକର କି ଅବା
ସୁଖଦୁଃଖ ହାନୀ ଲାଭ
ପରମାର୍ଥରେ ମଗ୍ନ ଯା ମନ
ବିଭୁ ବିଭୁତିରେ ଭାବ।

ଗୀତରେ ବୁଡିଲେ ସ୍ୱର୍ଗ ସୁଷମା
ପାରିଜାତ ଦିଆନିଆ
ସଙ୍ଗୀତର ସେ ନନ୍ଦନବନେ
ମଧୁ ପରଶର ଛୁଆଁ
ଅମୃତ ଭରା ଅଦେଖା ରାଇଜେ
ଶୁଭ ସବୁବେଳେ ଶୁଭ...।

ଭଙ୍ଗା ମନକୁ ଯୋଡି ଦିଏ ପୁଣି
ଦୁଃଖୀ ପ୍ରାଣକୁ ଭରେ
ଚନ୍ଦନ ସମ ଶୀତଳ ପରଶେ
ଯାତନା ଦୂରେଇ ପାରେ
ଯୋଡି ଯାଇଥିବା କ୍ଷତରେ ମଲମ
ସଂଗୀତ ଲେପି ଦେବ...।

ନିଏ କି ନ ଦିଏ ସେ ଅନେକ
ମୂର୍ଚ୍ଛନା ମଧୁବାଣୀ

ବିତରିବା ତା'ର ଧର୍ମ ଜଗତେ
ମରମର କଥା ଜାଣି
କୋଟି ଜନ ମନେ ପୁଲକ ଭରଇ
ଊର୍ଦ୍ଧ୍ୱ ଉଡାଣ ଠାବ...।

ସଲଙ୍ଗ, ନିମାପଡ଼ା, ପୁରୀ-୭୫୨୧୦୬
ଦୂରଭାଷ : ୯୪୩୭୩୦୪୮୧୬

ସ୍ୱୀକୃତି

ମୂଳ ହିନ୍ଦୀ-ଡଃ ନରେନ୍ଦ୍ର ଚର୍ତୁବେଦୀ
ଅନୁବାଦ-ଦେବସ୍ମିତା ବେହେରା

ସୁଲଭା କଲେଜ୍‌ରେ ହିନ୍ଦୀ ପଢାଏ। ଶିକ୍ଷାଗତ ଯୋଗ୍ୟତା ପି.ଏଚ.ଡି । କଲେଜରେ ପଢେଇବା ବ୍ୟତୀତ ସେ ଜଣେ ଲେଖିକା । ବିଭିନ୍ନ ପତ୍ର ପତ୍ରିକାରେ ନିୟମିତ ସୁଲଭାର ଲେଖା ପ୍ରକାଶିତ ହୁଏ। ସ୍ୱାମୀ ବଞ୍ଚିଥିବା ବେଳେ, ପିଲାଙ୍କର ପାଠ ପଢା ସେ ହିଁ ଦେଖୁଥିଲେ । ହେଲେ ତାଙ୍କ ମୃତ୍ୟୁ ପରେ ଘର ଆଉ ବାହାରର ସବୁ ଦାୟିତ୍ୱ ସୁଲଭାବୁ ହିଁ ଉଠେଇବାକୁ ପଡୁଥିଲା । ବଡପୁଅ ନାନୁ ଇଞ୍ଜିନିୟରିଂ ପଢା ଶେଷ କରି ଏବେ ବାଙ୍ଗାଲୋର୍‌ରେ ଚାକିରୀ କରୁଛି ଆଉ ସାନ ପୁଅ ଛୋଟୁ ଇଞ୍ଜିନିୟରିଂର ଶେଷ ବର୍ଷରେ ଅଛି ।

ନାନୁର ଫୋନ୍ ଆସିଥିଲା ବାଙ୍ଗାଲୋର୍‌ରୁ। ସେ କିଛି ଦିନ ପାଇଁ ଚୁଟି ନେଇ ଆସୁଥିଲା ଘରକୁ ।

ନାନୁର ଆସିବା ଖବରରେ ବହୁତ ଖୁସିଥିଲା ସୁଲଭା । ସେ ନାନୁର ମନ ପସନ୍ଦର ଜିନିଷ ସବୁ କିଣି ଆଣୁଥିଲା କଲେଜ୍‌ରୁ ଫେରିବା ବେଳେ । ତା'ର ମନେ ଅଛି ତା'ର ହାତ ରନ୍ଧା ଖାଇବାକୁ ପସନ୍ଦ କରେ ନାନୁ। ଯଦି କୈଣସି ପାର୍ଟିକୁ ଯିବାକୁ ପଡୁଥିଲା, ସେଠୁ ଫେରିବା ପରେ ସେ ଜିଦ୍ କରି କିଛି ନା କିଛି ଖାଇବା ସୁଲଭା ଦ୍ୱାରା ତିଆରି କରେଇ ଖାଉଥିଲା । ଆଉ କହୁଥିଲା, "ମମ୍ମି ସେଠି ପେଟ ପୁରିଲାନି ।"

ତା'ର ଏହି ପଦକ କଥାରେ ଖୁସିରେ ଗଦ୍ ଗଦ୍ ହୋଇ ଯାଉଥିଲା ସୁଲଭା ।

ସମୟ କେତେ ଶୀଘ୍ର ବିତିଗଲା..। ଦିନେ ନାନୁ ସୁଚନା ଦେଲା,"ମମ୍ମି କମ୍ପାନୀ ତରଫରୁ ଆମ ସହରରେ ଅଫିସ୍‌ଟେ ଖୋଲିବାକୁ ଯାଉଛି, ବୋଧହୁଏ ମୋର ଟ୍ରାନ୍ସଫର ହୋଇଯାଇପାରେ ।"

"ସତରେ..!" ଖୁସିରେ କିଛି ସମୟ ପାଇଁ ନାଚି ଉଠିଲା ସୁଲଭା ।

"କଣ ଭାଇ..ତମେ ସତରେ ଘର ପାଖକୁ ଆସୁଛ.. ?" ସୁଲଭା ଭଳି ଛୋଟୁ ମଧ୍ୟ ଖୁସିରେ ନାଚି ଉଠିଲା ।

"ହଁ.., ନାନୁ କହିଲା, "ଦରମା ପ୍ୟାକେଜ୍ ଯାହା ଅଛି ସେଇଆ ରହିବ ।"

"ତୁମେ ତା'ହାଲେ କେବେ ଆସିବ.. ?" ଛୋଟୁ ପଚାରିଲା ।

"ମାସେ ନ ନେଲେ ଦୁଇମାସ ଲାଗିଯିବ..।",କହିଲା ନାନୁ ।

"ସୁଲଭା କହିଲା,ଠିକ୍ ଅଛି,ତୋ ରୁମ୍ ଆଉ ଡ୍ରଇଂରୁମ୍‌କୁ ତା'ହେଲେ ନୂଆ ରଙ୍ଗ କରେଇଦେବି ।"

"ସେ ସବୁ ହୋଇଯିବ ମମ୍ମି ..ଏତେ ଜଲ୍‌ଦି କ'ଣ ପାଇଁ ?" କହିଲା ନାନୁ ।

"ଛୁଟିରେ ଘରକୁ ଆସିଲା ନାନୁ। ଦିନେ ନାନୁ କହିଲା,ମମ୍ମି, ଆଜି ସନ୍ଧ୍ୟାରେ ମୋର ଜଣେ ସାଙ୍ଗ ଆମ ଘରକୁ ଆସିବ ବୁଲିବାକୁ । ତା' ନାଁ ହେଲା ଛାୟା ।

"କ'ଣ.. ?" ସୁଲଭା ଟିକିଏ ଚମକି ପଡିଲା ।

"ହଁ..ସେ ମୋ ସହିତ କାମ କରେ। ସେ ମୋ ସହିତ ଏମ.ବି.ଏ କରୁଥିଲା । ତା' ବାପା ବମ୍ବେରେ ପୋଲିସ୍ ଅଫିସର ଅଛନ୍ତି । ଛାୟା ଏହି ସହରକୁ ଆସିଛି ବୋଲି ଫୋନ୍ କରିଥିଲା । ତେଣୁ ମୁଁ ଆଜି ତାକୁ ଆମ ଘରକୁ ଡାକିଛି ।"

"ଠିକ୍ ଅଛି !" ସୁଲଭା କଲେଜ୍ ବାହାରିଲା ବେଳକୁ କହିଲା, "ମୁଁ ଫେରିବା ସମୟରେ ରୋଷେଇ ସାମଗ୍ରୀ ସାଙ୍ଗରେ ନେଇ ଆସିବି । ହଁ..,ଆଉ କାହାକୁ ଡାକିନୁ ତ ?"

"ଆଉ କାହାକୁ.. ?"

"ତୋର ଦାଦାଙ୍କୁ ?"

"ନା..ନା..ଏବେ ତାଙ୍କୁ ଏ ବିଷୟରେ କିଛି କହିନି ।"

"ଠିକ୍ ଅଛି..",କହି ସୁଲଭା ଚାଲିଗଲା । ଯେଉଁ ନାନୁ ଆସିବା ମାତ୍ରେ ପ୍ରଥମେ ଦାଦାଙ୍କ ଘରକୁ ଦଉଡି ଯାଉଥିଲା, ସେ ଆଜି ଦାଦଙ୍କ ନାଁ ଶୁଣି ଚୁପ୍ ହୋଇଗଲା ! ଟିକିଏ ହସିଦେଲା ମନେ ମନେ ସୁଲଭା ।

କଲେଜରେ କୈଣସି କାମରେ ତା'ର ମନ ଲାଗିଲା ନାହିଁ। ତାକୁ ପ୍ରିନ୍ସିପାଲ ଡକେଇଥିଲେ, ହେଲେ ପଛରେ ଯିବ ବୋଲି କହି ସେ ଆଉ ତାଙ୍କ ଚାମ୍ବରକୁ ଗଲାନି । କଲେଜରୁ ଫେରିବା ବେଳେ ପାଠକ ମିଠା ଦୋକାନ ପାଖରେ ଗାଡିକୁ ପାର୍କ କରି ନାନୁର ପସନ୍ଦର ନମ୍‌କିନ୍ ଆଉ କିଛି ମିଠା କିଣିଲା । ପାଖ ଦୋକାନରୁ କିଛି ତରକାରୀ ମଧ୍ୟ କିଣି ନେଲା ସେ । ଜଲ୍‌ଦି ଜଲ୍‌ଦି ଘରକୁ ଆସି ଦେଖିଲା ବେଳକୁ ଯେଉଁ ନାନୁ ଅଳସୁଆଙ୍କ ପରି ସବୁବେଳେ ଦିଓ୍ୱାନ୍‌ରେ ଶୋଇଥାଏ, ଆଜି ସେ ପୁରା ଡ୍ରଇଂରୁମ୍,ଡାଇନିଙ୍ଗ୍,କିଚେନ୍‌କୁ ସଫା କରି ସଜେଇ ଦେଇଥିଲା । ଏହା ପୂର୍ବରୁତ କେବେ ହେଲେ ଘରକୁ ସଫା କରି ନଥିଲା ନାନୁ ! ତା' ଓଠରେ ଅନାୟାସର ହସ ଖେଳିଗଲା ।

"ଲାଗୁଛି ଏବେ ନାନୁ ଦାୟିତ୍ୱବାନ ହୋଇଗଲାଣି ।" ଗୁଣୁଗୁଣୁ ହୋଇ କହିଲା ସୁଲଭା । ତା'ର ଠିକ୍ ସେତିକି ବେଳେ ତା' ସାଙ୍ଗ ଶିବାଙ୍ଗୀର କଥା ମନେ ପଡିଗଲା । ସେ କହିଥିଲା, "ଶୁଣ ଯେତେବେଳେ ପୁଅ ନିଜେ ରୋଷେଇଘରେ ପଶି ରୋଷେଇ କରିବାରେ ଆନନ୍ଦ ଅନୁଭବ କରିବାକୁ ଲାଗିବ, ସେତେବେଳେ ବୁଝିଯିବୁ ଯେ ତା'ର କୈଣସି ଝିଅ ସହିତ ଚକ୍କର ଅଛି । ଆଜିକାଲି ପୁଅମାନେ ରୋଷେଇ ଘରକୁ ଯାଇ ଝିଅମାନଙ୍କୁ ସରପ୍ରାଇଜ୍ ଦେବାକୁ ଚାହାନ୍ତି ।"

ତା'ହେଲେ କ'ଣ..ନାନୁ କୈଣସି ଝିଅକୁ ପସନ୍ଦ କରି ସାରିଛି ? ମନେ ମନେ ଭାବି ସେ ବାଥରୁମ୍ ଯାଇ ଶାଢୀ ଚେଞ୍ଜକଲା । ଆଜି ବହୁତ ଦିନ ପରେ ତା'ର ଅଙ୍କିତ ମନେ ପଡିଗଲେ ।

ଏହି ବାଥରୁମ୍‌ରେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରଥିଲେ ଅଙ୍କିତ ।

ବାଥରୁମ୍‌ରେ ତାଙ୍କର ଷ୍ଟ୍ରୋକ୍ ହୋଇଥିଲା । 'ନାନୁ..,ବାସ୍ କେବଳ ଏତିକି କଥା ସେ ଶୁଣି ପାରିଥିଲା ।' କବାଟକୁ ଧକ୍କା ଦେଇ ଖୋଲିବାକୁ ପଡିଥିଲା । କବାଟ କୋଲିବା ପରେ ଜଣା ପଡିଲା ହାର୍ଟଆଟାକ୍ ବୋଲି । ହସ୍‌ପିଟାଲ୍‌କୁ ନେଲା ବେଳେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରି ସାରିଥିଲେ ଅଙ୍କିତ ।

ସେତେବେଳେ ନାନୁ ଆଉ ଛୋଟୁ ସ୍କୁଲ୍‌ରେ ପଢୁଥିଲେ ।

ଅଙ୍କିତଙ୍କ ମୃତ୍ୟୁ ପରେ ଯନ୍ତ୍ରବତ୍ ଚାଲୁଥିଲା ସେ । ଶାଶୁ-ଶ୍ୱଶୁର ତା' ସହିତ ରହୁଥିଲେ । ଦିଅର-ଦିଅରଙ୍କ ସ୍ତ୍ରୀ,ତାଙ୍କ ପିଲାମାନେ, ଆଉ ଅନ୍ୟମାନେ । ଯେତେବେଳେ ଆସନ୍ତି ଏଇଠି ତା' ପାଖରେ ରୁହନ୍ତି । ଅଙ୍କିତ ମଧ୍ୟ ଏହା ହିଁ ଚାହୁଁଥିଲେ । ନିହର ବାପା-ମାଙ୍କୁ ବହୁତ ଭଲ ପାଉଥିଲେ ଅଙ୍କିତ । କେବେବି ଅଙ୍କିତଙ୍କ ଇଚ୍ଛାର ଅନାଦର କରିନଥିଲା ସୁଲଭା । ଏହି ଛୋଟ ଘରେ ନିଜ ଶାଶୁ-ଶ୍ୱଶୁର ଆଉ ପିଲାମାନଙ୍କ ସହିତ ରହୁଥିଲା ସେ ଅଙ୍କିତଙ୍କ ମୃତ୍ୟୁ ପରେ । ସକାଳୁ ସକାଳୁ ଘରର ସବୁ କାମ ସାରିଦେଇ ସେ କଲେଜ ଯାଏ,ଆଉ ଫେରିବା ବେଳକୁ ଘର ପାଇଁ ଜରୁରୀ ଜିନିଷ ସବୁ କିଣି ନେଇ ଆସେ । ସନ୍ଧ୍ୟାରେ ପୁଣି ରୋଷେଇ କାମରେ ବ୍ୟସ୍ତ ହୋଇଯାଏ ।

ନାନୁ କେତେବେଳେ ବଡ ହୋଇଗଲା, ଜଣା ପଡିଲାନି ତାକୁ । ସେ ବମ୍ବେର ଆଇ.ଆଇ.ଟିରୁ ଇଞ୍ଜିନିୟରିଂ କରି ସାରିବା ପରେ ସେଇଠି ଏମ.ବି.ଏ କରି ଚାକିରୀ ପାଇଁ ବାଙ୍ଗାଲୋର୍ ଚାଲିଗଲା, ସତେ ଯେମିତି ତାର ସାଧନା ପୂରା ହୋଇଗଲା । ଅଙ୍କିତ ଯେଉଁ କାମକୁ ଅଧାରୁ ଛାଡି ଚାଲିଯାଇଥିଲେ, ଆଜି ତାକୁ ସେ ପୁରା କରିଦେଲା । ଶାଶୁ-ଶ୍ୱଶୁରଙ୍କର ଦେହାନ୍ତ ଯେତେବେଳେ ହେଲା ସବୁ କାମ ଏକୁଟିଆ କରିଥିଲା ସୁଲଭା । ଏଇ ଛୋଟ ଘର ତାକୁ ବଡ ଲାଗୁଥିଲା । ବେଳେ ବେଳେ ଛୁଟିରେ ନାନୁ ଘରକୁ ଆସିଲେ ଗହଳି ଚହଳିରେ ପୁରି ଉଠୁଥିଲା ଘରଟା ।

ଆଜି ଏତେ ଦିନ ପରେ ,ସୁଲଭାକୁ ଲାଗୁଥିଲା ସତେ ଯେମିତି କୈଣସି ଅଜଣା ବାସ୍ନାର ମହକରେ ପୁଣିଥରେ ତା' ଘର ମହକୁଛି । ସେ ଆଜି ବହୁତ ଦିନ ପରେ ନିଜ ପସନ୍ଦର ଶାଢୀ ପିନ୍ଧିଲା, ଆଉ ମୁହଁରେ ହାଲ୍‌କା ମେକଅପ୍ ଟିକିଏ କଲା । ଛୋଟୁ ନିଜର ନୂଆ ଜିନ୍ସ ଆଉ ସାର୍ଟ ପିନ୍ଧିଲା ।

ସନ୍ଧ୍ୟା ହେଉ ହେଉ ହଠାତ୍ ଘର ସାମ୍ନନାରେ ଗୋଟିଏ କାର୍ ଆସି ଅଟକିଲା । ନାନୁ ଥିଲା ବାହାରେ । ସେ ଛାୟାକୁ ଭିତରକୁ ପାଛୋଟି ଆଣିଲା ।

ସତରେ ବହୁତ ସୁନ୍ଦର ଥିଲା ଛାୟା । ତାକୁ ଦେଖିଲା ମାତ୍ରେ ତା'ରୂପରେ ମୁଗ୍ଧ..ହୋଇଗଲା ସୁଲଭା । ଲମ୍ବା,ପତଳା ଶରୀର,ଗୌର ବର୍ଣ୍ଣ ଆଉ ଟଣା ଟଣା ଗାଢ଼ କଳା ଆଖି । ହାଲ୍‌କା ମେକ୍‌ଅପ୍‌ରେ ମଧ୍ୟ ସୁନ୍ଦର ଲାଗୁଥିଲା ଛାୟା ।

ନାନୁ ସମସ୍ତଙ୍କ ସହିତ ଛାୟାର ପରିଚୟ କରେଇଦେଲା । ଛାୟା ନଇଁ ପଡି ସୁଲଭାର ପାଦ ଛୁଇଁବାକୁ ଚାହୁଁଥିଲା । ହେଲେ ସୁଲଭା ତାକୁ କୁଣ୍ଢେଇ ପକାଇ ମନା କରି କହିଲା, ଆମ ଘରେ ଝିଅମାନେ ପାଦଛୁଇଁ ମୁଣ୍ଡିଆ ମାରନ୍ତି ନାହିଁ ।

"ଆଉ ଛୋଟୁ..କେମିତି ଅଛ ?" ସେ କହିଲା ।

ଛୋଟୁ ନିଜ ନାଁ ଶୁଣି ଟିକିଏ ଚମକି ପଡିଲା ।

"ମୋତେ ତୁମ ନାଁ ଜଣା ଅଛି, ଏହାକୁ ନିଅ..ଅ ।"ସେ ଆଇପଡ୍ ଦେଇ କହିଲା ।

"ଏହା କ'ଣ.. ?"

"ଗିଫ୍ଟ ।"

ଛୋଟୁ ନିଜ ଗିଫ୍ଟ ଦେଖି ଖୁସି ହୋଇଗଲା ।

ଛାୟା ସହିତ କଥାବାର୍ତ୍ତାରୁ ଜଣା ପଡିଲା ଯେ,ତା' ବାପାଙ୍କର ପ୍ରମୋଶନ ହେବାର ଅଛି । ବହୁତ ଶୀଘ୍ର ସେ ଆଇ.ପି.ଏସ. ହୋଇଯିବେ । ତା ମା' ଟିଚର ଅଛନ୍ତି, ଗୋଟିଏ ଭାଇ ଅଛି, ଯିଏ ଏବେ କଲେଜରେ ପଢୁଛି । ସେ ବମ୍ବେରୁ ଇଞ୍ଜିନିୟରିଂ କରିଛି, କିନ୍ତୁ ଏମ.ବି.ଏ. ସେ ନାନୁ ସହିତ କରିଛି । ନାନୁ ଆଉ ସେ ଏକା କମ୍ପାନୀରେ ଚାକିରୀ କରୁଛନ୍ତି ।

ଶାନ୍ତ ଥିଲା ସୁଲଭା । ମନେ ମନେ ଭାବିଲା, ଭଲ ହେଲା ଏବେ ପିଲାମାନେ ନିଜେ ସବୁ କିଛି ଠିକ୍ କରିନେଉଛନ୍ତି । ଏହି କାମରୁ ତାକୁ ମୁକ୍ତି ମିଳିଗଲା । ହେଲେ..ସେତିକିବେଳେ ଛାୟା ନାନୁର ରୁମ୍‌ରେ ଡ୍ରେସ୍ ଚେଞ୍ଜ କରିବା ପାଇଁ ଯାଇ ସେଇଠି ଅଟକି ଗଲା । ନାନୁର ରୁମ୍‌ରୁ କିଚେନକୁ ଆସିବା ବାଟରେ ଗୋଟିଏ ବାଥରୁମ୍ ଥିଲା, ଯାହାର କବାଟ ନାନୁ ରୁମ୍‌ରେ ଖୋଲୁଥିଲା । ଆଉ ଦ୍ୱିତୀୟ କବାଟଟା କିଚେନ୍ ପଟେ । ଡାଇନିଙ୍ଗ୍ ଟେବୁଲ୍‌ରୁ କପ୍ ପ୍ଲେଟ୍ ଉଠେଇଲା ବେଳେ ସୁଲଭା ଶାଢୀରେ କିଛି ସସ୍ ଢଳିଗଲା । ଏହା ଦେଖି ସେ ଚମକି ପଡି ତୁରନ୍ତ ବାଥ୍‌ରୁମ ଯାଇ ଶାଢୀକୁ ସଫା କରିବାକୁ ଲାଗିଲା ।

କିଛି ଶବ୍ଦ ସୁଭିଲା ତାକୁ । ଧ୍ୟାନ ଦେଇ ଶୁଣିବାରୁ ଜାଣିପାରିଲା ଯେ ଏହା ଛାୟାର ସ୍ୱର ବୋଲି ।

"ନାନୁ,ଏହି ଛୋଟ ଘରେ ଆମେ କେମିତି ରହିପାରିବା ?"

"ନାନୁଁ ଚୁପଥିଲା ।"

ଶୁଣ,ଆମକୁ ବଡ ଫ୍ଲାଟ୍ ମିଳିବ କମ୍ପାନୀ ତରଫରୁ । ତୁମେ ଏବେ ଫ୍ଲାଟ୍ ପାଇଁ ଆପ୍ଲାଇ କରିଦିଅ । ଫ୍ଲାଟ୍ ମିଳିବାକୁ ଦୁଇ-ତିନ ମାସ ଲାଗିଯିବ । ମୁଁ ବାପାଙ୍କ ସହିତ କଥା ହୋଇଯିବି । ସେ ସେହି ଫ୍ଲାଟ୍‌କୁ ଠିକ୍‌ଠାକ୍ କରିଦେବେ । ଫର୍ନିଚର ସବୁ ସେହି ଫ୍ଲାଟ୍‌କୁ ଆସିଯିବ । ମା' କହୁଥିଲେ "ଆଜିକାଲି ବିଲଡର୍ସ ମାନେ ଘରକୁ ସଜା-ସଜ୍ଜି କରି ଦେଉଛନ୍ତି ବୋଲି ।"

"ହୁଁ,ହେଲେ ଛାୟା.."

'ଦେଖ,ଆମେ ଏତେ ଦିନ ହେଲାଣି ଏକାଠି ରହୁଛେ । ଆଉ ରହିଲା ବାହାଘର କଥା, ସେ ବିଷୟରେ ବାପା ଆସି ତୁମ ମା'ଙ୍କ ସହିତ କଥା ହୋଇଯିବେ । ଅକ୍ଟୋବର ମାସର ତାରିଖ ଅଛି । ତୁମ ମା' ଆଉ ଭାଇକୁ ବେଶୀ କିଛି କରିବାକୁ ପଡିବ ନାହିଁ । ବାପା କହିଛନ୍ତି, ସେ ସବୁ କିଛି କରିଦେବେ ।'

ସୁଲଭା ଆଉ ବାଥରୁମ୍‌ର ନଳକୁ ଖୋଲି ପାରିଲା ନାହିଁ । କିଛିକ୍ଷଣ ପାଇଁ ତା' ମୁଣ୍ଡ ବୁଲେଇଦେଲା ପରି ଲାଗିଲା । ଏଇଠି.. ଏଇଠି ଅଙ୍କିତ ପଡିଯାଇଥିଲେ,ଆଉ ତା' ପରେ ନିଜକୁ ସମ୍ଭାଳି ପାରି ନଥିଲେ । ସେ କ'ଣ ଏତେ ବଡ ଝଡକୁ ଏକା ସମ୍ଭାଳି ପାରିବ ! ତାକୁ ଲାଗିଲା,ସତେ ଯେମିତି ଅଙ୍କିତ ସାମ୍ନାରେ ଥିବା ଦର୍ପଣରୁ ତାକୁ ଦ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୧୯ ଫେବୃଆରୀ - ୨୫ ଫେବୃଆରୀ, ୨୦୧୮

ଜନସାଧାରଣଙ୍କ ଦାବି : ସ୍ଥାନୀୟ ନିଯୁକ୍ତି ଓ ବେକାରୀ ଭତ୍ତା

ଭବାନୀପାଟଣା : କଳାହାଣ୍ଡି ବନ୍ଦ ଭୁବନେଶ୍ୱର ଦରବାରରେ ପହଞ୍ଚି କିଛି ମିଛ ଓ କିଛି ସତ ଖବର ପ୍ରକାଶିତ ହେବା ପରେ ସରକାରଙ୍କୁ ଚେତାଇଦେବା ପାଇଁ ପ୍ରୟାସ କରୁଛନ୍ତି ସ୍ଥାନୀୟ ଜନସାଧାରଣ। ୨୦୦୮-୦୯ ମସିହା ପର୍ଯ୍ୟନ୍ତ ଜିଲ୍ଲା ଭିତ୍ତିକ ନିଯୁକ୍ତି ଚାଲିଥିଲା ବେଳେ ହଠାତ୍ ତାହା ରାଜ୍ୟ ଭିତ୍ତିକ ନିଯୁକ୍ତିରେ ପରିଣତ ହେବାରୁ ପୁନର୍ବାର ଜିଲ୍ଲା ଭିତ୍ତିକ କରିବା ପାଇଁ ପ୍ରଥମଥର ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ସ୍ୱର ଉତ୍ତୋଳନ କଲେ । ଯାହା ଜଣାପଡେ ବାରମ୍ବାର ଏହି ଜିଲ୍ଲା ଗୁଡିକର କିଛି ନଗ୍ନ ଚିତ୍ର ସମ୍ବାଦପତ୍ର ମଣ୍ଡନ କରୁଥିଲା ବେଳେ ଦାରିଦ୍ର୍ୟ, ଦାଦନ ଖଟିବା, ଟାକୁଆ ଖାଇ ବଞ୍ଚୁଥିବା ପିଲା ବିକ୍ରୀ, ମରୁଡି ଓ ବେକାରୀ ସମସ୍ୟା ଓ ଦାନ ମାଙ୍ଗୀ ଭଳି କିଛି ଖବର ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ଏଯାଏ ବନ୍ଦ ହୋଇନାହିଁ।

ଅନ୍ୟ ଜିଲ୍ଲାର ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ତଥା କୁଶଳୀ ଓ ଅଣକୁଶଳି କର୍ମଚାରୀ ଅପେକ୍ଷା ନିଜ ଜିଲ୍ଲାର ପାଠ ପଢି ବେକାର ଯୁବକ ଯୁବତୀ ଯେଉଁମାନେ ଏ କାର୍ଯ୍ୟରେ ନିଯୁକ୍ତି ପାଇଲେ ବୋଧହୁଏ ଜିଲ୍ଲାର ଉନ୍ନତି ସାଧନ ହେବ ବୋଲି ଆଶା କରାଯାଏ। ବାରମ୍ବାର ବଦଳି, ଡେପୁଟେସନ୍, ଓ ଛୁଟି ନେଇଯିବା ପରିବର୍ତ୍ତେ ନିଜ ଜିଲ୍ଲାର ଉନ୍ନତି ପାଇଁ କର୍ମଚାରୀ ମାନେ ରହି କାର୍ଯ୍ୟକରିବା ପାଇଁ ପସନ୍ଦ କରିବା ଆଶା କରାଯାଉଛି। ସରକାର ତଥା ବିଭିନ୍ନ ଜିଲ୍ଲାର ବିଧାୟକ ଓ ମନ୍ତ୍ରୀମାନେ ମଧ୍ୟ ଏ ସବୁକୁ ନଜର ଦେଇ ବିଧାନସଭାରେ ପ୍ରତିବାଦ ସ୍ୱରୂପ ସ୍ୱର ଉତ୍ତୋଳନ କଲେ ଜିଲ୍ଲା ଭିତରେ ଜନସାଧାରଣଙ୍କର ପ୍ରୀତିଭାଜନ ହୋଇ ପାରିବେ ବୋଲି ସାଧାରଣରେ ଆଲୋଚନା ହୁଏ। ବାରମ୍ବାର ଅର୍ଥ ବିନିଯୋଗ କରି ବିଧାୟକ ବା ନେତା ହେବା ପାଇଁ ଚେଷ୍ଟା କରିବା ଅପେକ୍ଷା ନିଜ ଜିଲ୍ଲାର ଏଭଳି ଉନ୍ନତି ମୂଳକ କାଯ୍ୟର ବାଟ ବାହାର କଲେ ବୋଧ ହୁଏ ବହୁ ସମାଧାନର ବାଟ ମିଳିବ । ଆଉ ଗୋଟିଏ କଥା ରାଜନେତା ମାନଙ୍କ ପାଖରେ ଉପସ୍ଥାପନା କରିବା ପାଇଁ ପ୍ରୟାସ। ଦେଶର ସମସ୍ତ କର୍ମଚାରୀ ବେତନ ସହିତ ପେନସନ ପାଇଲା ବେଳେ ଏବେ ନେତା ମାନେ ଯଥା ବିଧାୟକଙ୍କର ଆରମ୍ଭ କରି ପ୍ରଧାନମନ୍ତ୍ରୀ ଓ ଆଇନରକ୍ଷକ ମାନେ ମଧ୍ୟ ଦରମା ଓ ଭତ୍ତା ପାଇ ଭୁଲିଯାଇଛନ୍ତି ସେମାନଙ୍କୁ ଯେଉଁ ମାନେ ନେତା ଠାରୁ ପ୍ରଧାନମନ୍ତ୍ରୀ କରିବାର ମୁଖ୍ୟ ଭୁମିକା ଗ୍ରହଣକରନ୍ତି । ଜଣେ ସରପଞ୍ଚର କଣ ପ୍ରାପ୍ୟନୁହେଁ ଦରମା ବା ଭତ୍ତା? ବେକାରୀମାନେ କିପରି ବଞ୍ଚନ୍ତି ଓ ତାର ସାଧାରଣ ଜୀବନ ଶୈଳୀ କିପରି କଟି ଥାଏ, ସେମାନେ କଣ ବେକାରୀଭତ୍ତା ପାଇବା ଉଚିତ ନୁହେଁ ? ଏହା କଣ ଇଂରେଜ ଶାସନ କାଳର ଶାସକ ମାନଙ୍କଠାରୁ କିଛି କମ୍? ବୋଧହୁଏ ଆମ ଦେଶର ପ୍ରଶାସକ ବା ଅମଲାତନ୍ତ୍ର, ସାମ୍ବାଦିକ ମାନଙ୍କର ସମ୍ବାଦପତ୍ର ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ କାରଣ ସେମାନେ କେବେ ହେଲେ ଅର୍ଥର ଅଭାବକୁ ଦେଖି ନାହାନ୍ତି କାରଣ ଲାଞ୍ଚ, ମୋଟା ଅଙ୍କର ଦରମା ଓ ଚାକିରୀ ସରିବାପରେ ପେନ୍‌ସନ୍ ଏସବୁ ଦୃଷ୍ଟିରୁ ସେମାନେ ଓ ତାଙ୍କ ପରିବାର ସୁରକ୍ଷିତ ରହନ୍ତି ତେଣୁ ପରିବେଷଣ କରାଯାଉଥିବା ସମ୍ବାଦ ପ୍ରତି ଟିକିଏ ଧ୍ୟାନ ଦିଆଗଲେ ହୁଏତ ସମାଜର ଘଟୁଥିବା ଘଟଣା ଓ ଅଘଟଣ ବହୁମାତ୍ରାରେ ଆୟତ୍ତକୁ ଆସିପାରନ୍ତା, ଯେଉଁ ସାମ୍ବାଦିକମାନେ ଜୀବନକୁ ବାଜି ଲଗାଇ ସତ୍ୟ ଘଟଣା ଉପରେ ଆଲୋକପାତ କରନ୍ତି ସେମାନେ କଣ ପେନ୍‌ସନ୍ ବା ଭତ୍ତା ପାଇବା ଅନୁଚିତ? ଏ ସବୁ ଦୃଷ୍ଟି କୋଣରୁ ଆମଦେଶର ସରକାର ଜାଗ୍ରତ ହେବା ସହିତ ସମ୍ବିଧାନ ସଶୋଂଧନ କରି ଏସବୁ ପ୍ରତି ଦୃଷ୍ଟି ଆକର୍ଷଣ କରି ଆଗାମୀ ଭବିଷ୍ୟତରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟିତ ହେବା ଉଚିତ।

ନିଶା କବଳରେ ଯୁବପିଢି

ଖୋରଧା : ଦିନକୁ ଦିନ କୋମଳ ମତି ଛାତ୍ର ଛାତ୍ରୀମାନେ ନିଶା ଗ୍ରସ୍ତ ହୋଇ ପଡ଼ିଲେଣି। ପାଠ ପଢିବା ପରିବର୍ତ୍ତେ ସେମାନେ ନିଶାକୁ ଆଦରି ନେଉଥିବାର ଦେଖିବାକୁ ମିଳୁଛି। ଖୋରଧା ସହର ଓ ଏହାର ଆଖ ପାଖ ଅଞ୍ଚଳରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଫଳରେ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଛାତ୍ର ଛାତ୍ରୀମାନେ ମଦ ସିଗାରେଟରୁ ଆରମ୍ଭ କରି କୋରେକ୍ସ, ବେନାଡ୍ରିଲ, କଫସିରାପ, ବ୍ରାଉନସୁଗାର ଆଦି ମାରାତ୍ମ ନିଶା ଦ୍ରବ୍ୟ ସେବନ କରୁଥିବା ଜଣା ପଡ଼ିଛି। ଧନୀକ ଶ୍ରେଣୀର ପିଲାମାନେ ଦାମୀ ନିଶା ସେବନ କରୁଥିବା ବେଳେ ଅନ୍ୟମାନେ କମ ପଇସା ଓ ବାସ୍ନା ନ ଜଣା ପଡ଼ିବ ସେଥିପାଇଁ କୋରେକ୍ସ ଓ ଡ୍ରେନଡ୍ରାଇଟ୍ ଆଦିର ଆଶ୍ରୟ ନେଉଛନ୍ତି। ପଡ଼ିଆ ପାର୍କ ମନ୍ଦିର କଡ଼, ସ୍କୁଲ ପରିସରରେ ବସି ସଂଘବଦ୍ଧ ଭାବରେ ନିଶା ସେବନ କରୁଥିବା ଦେଖିବାକୁ ମିଳୁଛି କେବଳ ସ୍କୁଲ ଛାତ୍ର ନୁହଁନ୍ତି କଲେଜ ପଢୁଆ ପିଲାମାନେ ମଧ୍ୟ ଏହି ନିଶା ସେବନ କରୁଥିବା ଜଣାପଡୁଛି। ଏ ନେଇ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତାରେ ପଡ଼ିଛନ୍ତି। ଲାଭଖୋର ଦୋକାନୀ ତଥା ବ୍ୟବସାୟୀମାନେ ଏହି ସବୁ ନିଶା ବିକ୍ରୀ କରୁଥିବା ବେଳେ ଯୁବ ପିଢୀ ତଥା ଛାତ୍ରମାନେ ଏହାକୁ ଖୁଲମ ଖୁଲା ବ୍ୟବହାର କରି ନିଶାରେ କବଳିତ ହେଉଛନ୍ତି। ସ୍ଥାନୀୟ ପୋଲିସ୍ ଜିଲ୍ଲାପ୍ରଶାସନ ଅବକାରୀ ବିଭାଗ ତଥା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଯୁବ ପିଢୀ ନିଶ୍ଚିତ ଭାବରେ ବିପଥଗାମୀ ହୋଇଯିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ପଞ୍ଚାୟତ ସମିତି ମୁଖ୍ୟ ଗେଟ ନିର୍ମାଣରେ ଅନିୟମିତତା

ଖୋରଧା : ଦିର୍ଘ ଦିନ ଧରି ଖୋରଧା ପଞ୍ଚାୟତ ସମିତିର ମୁଖ୍ୟ ଗେଟ ନିର୍ମାଣ ଅତି ତରବରିଆ ଭାବରେ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଥିରେ ନାମ ଫଳକ ଲେଖା ଯାଇପାରି ନାହିଁ। ଲକ୍ଷ୍ୟାଧିକ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ କରାଯାଇଥିବା ଏହି ଗେଟ୍‌ଟିର ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସହରର ସାରା ଆଲୋଚନା ହେଉଥିବା ବେଳେ କେଉଁ ଅନୁଦାନରେ ଏହା ନିର୍ମାଣ କରାଯାଇଛି କେତେ ଟଙ୍କା ଖର୍ଚ୍ଚ ହୋଇଛି ଏହି ଗେଟ ନିର୍ମାଣ କରିବା ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନାମ ସମ୍ପର୍କିତ କୌଣସି ସୂଚନା ଫଳକ ଲେଖାଯାଇ ନାହିଁ। ଏ ସମ୍ପର୍କରେ ଖୋରଧା ପଞ୍ଚାୟତ ସମିତିର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନିଆଯାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିଲେ। ଏ ସମ୍ପର୍କରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଦାବି ହେଉଛି।

ରୁବେଲା ଟୀକା ନେଇ ଜଣେ ଶିଶୁ ମୃତ

ଭବାନୀପାଟଣା : ଗତ ୩ ତାରିଖ ଦିନ ଉକ୍ତ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ରୁବେଲା ଟୀକା ଦିଆଯାଇଥିଲା । ସେହି ସମୟରେ ମନୀଷକୁ ମଧ୍ୟ ଟୀକା ଦିଆଯାଇଥିଲା । ଟୀକା ନେବା ପରେ ମନୀଷ ଅସୁସ୍ଥ ହୋଇ ପଡିଥିଲା । ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ରାଜୀବଙ୍କ ଏକ ଝିଅ ଓ ଏକ ପୁଅ ଥିଲେ । ପ୍ରଥମେ ଝିଅ ଆଚଂଳ ପଣ୍ଡା ୨ ବର୍ଷ ତଳେ ମୃତ୍ୟୁବରଣ କରିଥିବାବେଳେ ଏକମାତ୍ର ପୁଅ ମନୀଷ ଥିଲେ । ତାର ମୃତ୍ୟୁ ପରେ ନିଃସନ୍ତାନ ହୋଇପଡିଛନ୍ତି ଦମ୍ପତି । ଟୀକା ଦେଉଥିବା କର୍ମଚାରୀଙ୍କ ଭୂମିକାକୁ ନେଇ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାକାରୀ ଶିବାଶିଷ ସ୍ୱାଇଁଙ୍କୁ ପଚାରିବାରୁ ସେ ମନୀଷକୁ ଟୀକା ଦେବା ଦ୍ୱାରା ନୁହେଁ ତାଙ୍କୁ ପୂର୍ବରୁ ଜଣ୍ଡିସ ହୋଇଥିଲା । ଏଥିଯୋଗୁ ତାର ମୃତ୍ୟୁ ହୋଇଥାଇ ପାରେ ବୋଲି କହିଥିଲେ । ଯଦି ମନୀଷକୁ ପୂର୍ବରୁ ଜଣ୍ଡିସ ହୋଇଥିଲା, ତେବେ ଅସୁସ୍ଥ ଶିଶୁକୁ କାହିଁକି ଟୀକାଦାନ କରାଗଲା ବୋଲି ପଚାରିବାରୁ ସେ କହିଥିଲେ ଯେ ସେ ସ୍କୁଲ ଯାଇଥିଲା ଏବଂ ତାଙ୍କ ବାପା ଯାଇ ଟୀକାଦେବାକୁ କହିବା ପରେ ଆମେ ଦେଇଥିଲୁ । ଏଠାରେ ପ୍ରଶ୍ନ ଉଠେ ଯେ ମନୀଷର ବାପା କହିବାପରେ ଯଦି ଟୀକା ଦିଆଗଲା ତେବେ ଗାଇଡଲାଇନକୁ ପାଳନ କରାଗଲା ନାହିଁ କାହିଁକି ? ସେମାନେ ପ୍ରଚାର ପତ୍ରରେ ଦର୍ଶାଇଥିଲେ ଯେ ଅସୁସ୍ଥ ଶିଶୁକୁ ଟୀକା ଦିଆଯିବ ନାହିଁ । ଯଦିଓ ମନୀଷର ବାପା ଟୀକା ଦେବାକୁ ଡାକ୍ତରଙ୍କ କହିବାନୁସାରେ ଦିଆଯାଇଥିଲା, ତେବେ କର୍ମଚାରୀମାନେ ଟୀକା ଦେବା କେତେଦୂର ଯଥାର୍ଥ ତାହା ହିଁ ବଡ ପ୍ରଶ୍ନ ସୃଷ୍ଟି କରିଛି । ଏହାର ଉଚ୍ଚସ୍ତରୀୟ ତଦନ୍ତକରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପୀଡିତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସାଧାରଣରେ ଦାବି କରାଯାଉଛି।

ଅଗ୍ନିବିପନ୍ନ ପରିବାରକୁ ସହାୟତା

ରାମନାଗୁଡ଼ା : ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସୁଣ୍ଡିସମୁଣୀ ପଞ୍ଚାୟତର କାଣିପୁଲିସିରେ ହୋଇଥିବା ଭୟାବହ ଅଗ୍ନିକାଣ୍ଡରେ ବାସହରା ପରିବାରକୁ ବିଭିନ୍ନ ଦଳ ଓ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସେହିପରି ବିଜେଡି ପକ୍ଷରୁ ବରିଷ୍ଠ ବିଡେ ନେତା ତଥା ରାଜ୍ୟ ସମ୍ପାଦକ ସୁଧୀର ଦାଶ, ବିଜେଡି ନେତା ଗଗନ ଆଚାର୍ଯ୍ୟ, ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟରାଓ କୁମ୍ଭରିକା, କମଳ ମୁଟିକା, ସରପଞ୍ଚ ବିଜୟ ମାଣ୍ଡାଙ୍ଗି, ହୃଷୀକେଶ ପାତ୍ର ପ୍ରଭୃତି ଯାଇ କମ୍ବଳ, ବାଲଟି, ଚାଉଳ ଆଦି ସହାୟତା ପ୍ରଦାନ କରିଥିଲେ। ସେହିଭଳି ବିଜେପି ପକ୍ଷରୁ ଜିଲ୍ଲାଉପସଭାପତି ନବୀନ ଦିପୁଳି, ବ୍ଲକ ସଭାପତି ଚିନ୍ନାକଣ୍ଡାଗରୀ, ପୂର୍ବତନ ମଣ୍ଡଳ ସଭାପତି ଉପେନ୍ଦ୍ର ନେମାଲ ପୁରୀ ରାମନାଗୁଡା 'ବି' ଜୋନ୍ ସଭାପତି ବନମାଳୀ ଗମାଙ୍ଗ, ମାନିରଟି ସଭାପତି ସେକ୍ ସାଲିମ୍, ଓବିସି ମୋର୍ଚ୍ଚା ସଭାପତି କେ.ସୂରିୟାରାଓ, ଯୁବମୋର୍ଚ୍ଚା ସଭାପତି ସଞ୍ଜୟ ପ୍ରଧାନ, ଭାସ୍କର କାଡ୍ରାକା, ବାଳକୃଷ୍ଣ ଲିମା ଆଦି ଯାଇ ବାସହରା ପରିବାରକୁ ଫଳ, ପନିପରିବା, କମ୍ବଳ, ଶାଢ଼ୀ, ଚାଉଳ, ତଉଲିଆ ଆଦି ଦ୍ରବ୍ୟ ବଣ୍ଟନ କରିଥିଲେ। କଳିଙ୍ଗ ବୈଶ୍ୟ ସଂଘ ତରଫରୁ ତାଙ୍କୁଡୁ ଶ୍ରୀଧର, ଭି.ଗୁରୁମୂର୍ତ୍ତି ରାଜୁ, ପି.ମୁରଲୀଧର, ପି.ଶାନ୍ତୁ, ପି.ରମେଶ, ଜାମି ସୁଦର୍ଶନ ରାଓ, ଜି.ଜାଗାରାଓ, ଜି.ଗୋପୀ ପ୍ରଭୃତି ଅଗ୍ନି ବିପନ୍ନ ପରିବାରକୁ ଆଶ୍ୱାସନା ଦେବା ସହ ଚାଉଳ, ଚୁଡା, ଡାଲି, ପନିପରିବା, ବିସ୍କୁଟ ଆଦି ପ୍ରଦାନ କରିଥିଲେ।

ରାଇଡ୍ ପକ୍ଷରୁ ଶିବ ମନ୍ଦିର ସଫେଇ

କେନ୍ଦ୍ରାପଡ଼ା : ପବିତ୍ର ଜାଗର ଉତ୍ସବ ଅବସରରେ ବିଭିନ୍ନ ଶିବ ମନ୍ଦିର ଉତ୍ସବ ମୁଖର ହୋଇଥାଏ। ତେବେ ଏହାପରେ ଉକ୍ତ ମନ୍ଦିର ତଥା ତା'ର ପାରିପାର୍ଶ୍ୱିକ ପରିବେଶ ଖୁବ୍ ଅଳିଆ ଆବର୍ଜନାରେ ଭରିରହିଥାଏ। ତେଣୁ ଏଭଳି ପରିସ୍ଥିତିରେ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ରାଇଡ୍"ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ସହରର କଜଳା ସ୍ଥିତ ବିଲେଶ୍ୱର ମନ୍ଦରରେ ଆୟୋଜିତ ଏହି

ସ୍ୱଚ୍ଛତା କାର୍ଯ୍ୟକୁ ଅନୁଷ୍ଠାନର ସଂପାଦକ କିଶୋର କୁମାର ସାହୁ ପରିଚାଳନା କରିଥିବା ବେଳେ, ପୁଣ୍ୟ ଉତ୍କଳ ଫାଉଣ୍ଡେସନର ଜିଲ୍ଲା ସମ୍ପାଦକ ଅନନ୍ତ ଗୋପାଳ ସାହୁ ଉପସ୍ଥିତ ଥିଲେ। ସେହିପରି ଉକ୍ତ ସଫେଇରେ ସାମାଜିକକର୍ମୀ ବସନ୍ତ କୁମାର ଦାସ, ଦେବାର୍ପିତ ସାହୁ, ଜିତେନ୍ଦ୍ର କୁମାର ସାହୁ , ବିଭୁତି ଭୂଷଣ ରାଉତ, ସୌମ୍ୟପ୍ରକାଶ ସ୍ୱାଇଁ ଓ ଅରୁଣ କୁମାର ସାହୁ, ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରାଜନୀତି ...

ହେବାର ସମ୍ଭାବନା ନଥିବା କଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକରଣରୁ ଜଣାପଡିଥିଲେ ବି ଦିଲ୍ଲୀରେ ମୋଦି-ନବୀନ-ନରସିଂହଙ୍କ ସାକ୍ଷାତକାର ସନ୍ଦେହରେ ରହିଛି। ସମ୍ପ୍ରତି ବିଜେପୁର ପ୍ରଚାର ମଇଦାନରେ ତିନି ପ୍ରମୁଖ ଦଳ ଯେଭଳି ଢଙ୍ଗରେ ପ୍ରଚାର ଚଳାଇଛନ୍ତି ସେଥିରେ ମିତ୍ରତାର ସ୍ଥାନ ଆଦୌ ନାହିଁ କହିଲେ ଚଳେ। ବିଜେଡି ଷ୍ଟାର କ୍ୟାମ୍ପେନରମାନଙ୍କୁ ନେଇ ସେଠାରେ ଜୋରଦାର ପ୍ରଚାର କରୁଥିଲା ବେଳେ ବିଜେପି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳର ବହୁ ହେଭିୱେଟ୍ ନେତାଙ୍କୁ ପ୍ରଚାର ମଇଦାନରେ ଠିଆ କରିଛି। କଂଗ୍ରେସର ଷ୍ଟାର ପ୍ରଚାରକ ଭାବେ କେହି ନଥିଲା ବେଳେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ବିଜେପୁର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ମନ୍ତ୍ରୀ ସ୍ନେହାଙ୍ଗୀନ ଛୁରିଆ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାଂସଦ ଡକ୍ଟର ପ୍ରଭାସ ସିଂହଙ୍କ ସମେତ କିଛି ପୂର୍ବତନ ମନ୍ତ୍ରୀ, ବିଧାୟକ ଘରକୁ ଘର ବୁଲି ରୀତାଙ୍କ ପାଇଁ ପ୍ରଚାର କରୁଛନ୍ତି। ସେହିଭଳି ବିଜେପି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମାରାଥନ ପ୍ରଚାର ଆରମ୍ଭ କରିଦେଇଛନ୍ତି। ବଡ ବ୍ୟବଧାନରେ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଶାସକ ବିଜେଡି ଦଳକୁ ଟାର୍ଗେଟ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। କଂଗ୍ରେସ ମଧ୍ୟ ୧୮ ବର୍ଷ କାଳ ଶାସନ ମଧ୍ୟରେ ନବୀନ ସରକାର ବିଜେପୁର ପାଇଁ କିଛି କରିନାହାନ୍ତି ବୋଲି ଅଭିଯୋଗ କରିବା ସହିତ ଅଞ୍ଚଳବାସୀଙ୍କ ଦୁଃଖ ବୁଝିବାକୁ ଆଗଭର ହୋଇଛନ୍ତି।

ବିଜେପୁରକୁ ନେଇ ରାଜନୈତିକ ଉଷ୍ମତା ବଢ଼ି ଚାଲିଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ଚାରିଦିନିଆ ଦିଲ୍ଲୀ ଗସ୍ତ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସାକ୍ଷାତକାର ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏକ କୁଶଳ ଗୋଟି ଚାଳନା ବୋଲି ଆଲୋଚନା ହେଉଛି। ଯେଉଁଥିରେ ବିଜେଡିକୁ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ମୋଦିଙ୍କ ଶରଣ ନେବା ଓ ନରସିଂହଙ୍କୁ ବିଜେଡିକୁ ଆଣି ରାଜ୍ୟସଭାକୁ ପଠାଇବା ଭଳି ସନ୍ଦେହ ଦେଖାଦେଇଛି। କାରଣ ନରସିଂହ ନିଜ ଦଳ ଭିତରେ ଯେଭଳି ଗୁରୁତ୍ୱ ପାଇବା କଥା ତାହା ପାଉ ନଥିବା ମଧ୍ୟ ଚର୍ଚ୍ଚା ପାଇଁ ଏକ ପ୍ରସଙ୍ଗ ପାଲଟିଛି। ସେହିଭଳି ନିଜ ଦଳ ଭିତରେ ଅସନ୍ତୁଷ୍ଟ ଥିବା ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ଦିଲୀପ ରାୟଙ୍କୁ ନେଇ ମଧ୍ୟ ବିଜେଡିରେ ସମ୍ଭାବନା ସୃଷ୍ଟି ହୋଇଥିବା କଥା ଚର୍ଚ୍ଚାର ପରିଧି ଭିତରେ ରହିଛି। ତେଣୁ ବିଜେପୁର ନିର୍ବାଚନରେ ହାରିବା ଜିତିବା ପ୍ରମୁଖ ଦଳମାନଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇଥିଲା ବେଳେ ବିଜେଡି ସୁପ୍ରିମୋଙ୍କ ଏହି ଗୋଟି ଚାଳନାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି।

ଭୁବନେଶ୍ୱର ...

ତେବେ ଗତ ଗୁରୁବାର ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି ଓଡ଼ିଶା। ପ୍ରଥମ ଥର ପାଇଁ ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ହେବାର ସୁଯୋଗ ହାସଲ କରିଛି। ଫଳରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଜର୍ସିରେ ଓଡ଼ିଶାର ନାମ ସ୍ଥାନ ପାଇବ। ଆସନ୍ତା ୫ ବର୍ଷ ପାଇଁ ଓଡ଼ିଶା ଏହି ଭୂମିକା ନିର୍ବାହ କରିବ ବୋଲି ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହା ଘୋଷଣା କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଜର୍ସି ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜର୍ସିରେ ସ୍ଥାନ ପାଇବାକୁ ଥିବା ଲୋଗୋ ଉନ୍ମୋଚନ କରିଛନ୍ତି ଯେଉଁଥିରେ ରହିଛି ଓଡ଼ିଶାର ଗୌରବ ବହନ କରିଥିବା କୋଣାର୍କ ଚକ୍ର, ବିସ୍ତୃତ ବେଳାଭୂମି ସହିତ ଅଲିଭ୍ ରିଡ୍‌ଲେ କଇଁଛ, ଓଡ଼ିଶୀ ନୃତ୍ୟ ଓ ହକି ଖେଳର ଚିତ୍ର। ବିଗତ ଦିନରେ ଓଡ଼ିଶାରେ ଚାମ୍ପିଅନ୍ସ ଟ୍ରଫି ଓ ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍ସ ସହ ହକି ଇଣ୍ଡିଆ ଲିଗ୍‌ର ଏକାଧିକ ସଂସ୍କରଣ ସଫଳ

ଗୁରୁଜଙ୍ଗର ଧବଳେଶ୍ୱର

ସତ୍ୟବାଦୀ ବଳିଆରସିଂହ

"ଛୋଟ ମୋର ଗାଁଟି,
ଭୂଗୋଳ ପୋଥି ପତରେ ପଛେ
ନ ଥାଉ ତା'ର ନାଆଁଟି"

ଉକ୍ତ କବିତା ଅଂଶଟି ପଢ଼ିଲା ବେଳେ ଆମେ ମନେ ପକାଇଥାଉ କବି ସଚ୍ଚି ରାଉତରାୟଙ୍କୁ। ତେବେ କବିଙ୍କ ଜନ୍ମସ୍ଥାନ ସେତେବେଳର ଛୋଟ ଗାଁ ଗୁରୁଜଙ୍ଗ ଏବେ ଆଉ ଛୋଟ ହୋଇ ରହିନାହିଁ। ପ୍ରାଚୀନ ଖୋରଧାଗଡ଼ର ଉତ୍ତର ଦିଗର ଏକ ଦ୍ୱାର ରୂପେ ପରିଚିତ ଗୁରୁଜଙ୍ଗ ଖୋରଧା ପୌରପାଳିକାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏକଦା ଏଠାରେ ପ୍ରତିଷ୍ଠିତ ଓଡ଼ିଶାର ଏକମାତ୍ର 'ସମରକଳା ଏକାଡ଼େମୀ' ଓ ଶିକ୍ଷକ ମହାସଂଘର ବି.ଏଡ୍. କଲେଜ ଏବେ ଲୁପ୍ତ। କିନ୍ତୁ ୭ବର୍ଷ ହେଲା ଏଠାରେ ସ୍ଥାପିତ ହୋଇଛି ଜବାହର ନବୋଦୟ ବିଦ୍ୟାଳୟ। ବହୁ ସଂସ୍କୃତି ସମ୍ପନ୍ନ ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନଙ୍କର ଆବାସସ୍ଥଳୀ ମଧ୍ୟ ଏଇ ଗାଁ। ତେବେ ସବୁଠାରୁ ଉର୍ଦ୍ଧ୍ୱରେ ଏଇ ଗାଁ ପ୍ରସିଦ୍ଧ ପ୍ରଭୁ ଧବଳେଶ୍ୱରଙ୍କ ପାଇଁ। ସେ ବଡ଼ ପ୍ରତ୍ୟକ୍ଷ ଦେବତା ଓ ତାଙ୍କର ମହିମା ଅପାର। ସେଇଥିପାଇଁ ତ ଏଠାରେ ହେଉଥିବା ବଡ଼ ଓଷା ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ଏବଂ ଉକ୍ତ ଦିନଟି ସ୍ଥାନୀୟ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଥାଏ। ବଡ଼ଓଷା ଯାତ୍ରା ଏଠିକାର ଏକ ପ୍ରଧାନ ପର୍ବ।

ରାଜଧାନୀ ଭୁବନେଶ୍ୱର ଠାରୁ ୨୬ କି.ମି ଦୂର ପରେ ପଡ଼େ ଖୋରଧା ପୁରୁଣା ବସଷ୍ଟାଣ୍ଡ। ସେଠାରୁ ଉତ୍ତର ଦିଗରେ ୨ କି.ମି ଦୂର ଗଲେ ପଡ଼େ ଗୁରୁଜଙ୍ଗର ଧବଳେଶ୍ୱରଙ୍କ ପୀଠ। ସାଧାରଣତଃ ଧବଳେଶ୍ୱର ପୀଠ କହିଲେ ମହାନଦୀ ବକ୍ଷରେ ଥିବା ଆଠଗଡ଼ର ଧବଳେଶ୍ୱର ପୀଠକୁ ଆମେ ଗୁରୁତ୍ୱ ଦେଇଥାଉ। କିନ୍ତୁ ଗୁରୁଜଙ୍ଗର ଏହି ଧବଳେଶ୍ୱର ପୀଠ ଠାକୁରଙ୍କ ମହିମା ଦୃଷ୍ଟିରୁ ଖୋରଧା ଜିଲାର ଏକ ପ୍ରମୁଖ ଶୈବପୀଠ ରୂପେ ଖ୍ୟାତି ଲାଭ କରିଛି ଏବଂ ଗୁରୁତ୍ୱ ଦୃଷ୍ଟିରୁ ଆଠଗଡ଼ର ଧବଳେଶ୍ୱର ପୀଠ ଠାରୁ ନ୍ୟୁନ ନୁହେଁ। ଗୁରୁଜଙ୍ଗ ଧବଳେଶ୍ୱରଙ୍କ ସଂପର୍କରେ 'କପିଳ ସଂହିତା'ରେ ବର୍ଣ୍ଣନା କରାଯାଇଛି। ଏହାର ଅଷ୍ଟାବିଂଶ ଅଧ୍ୟାୟର ୬୧ ଓ ୬୨ ପଦରେ ଉଲ୍ଲେଖ ହେଇଛି:

"ବାରୁଣୀଗିରି ପର୍ଯ୍ୟନ୍ତଂ ଯେ ଦେବାଃ
ସନ୍ତି ତାନ୍ ଶୃଣୁ।
ଧବଳେ ଶୋ ନାମା ଶିବ ବର୍ତ୍ତତେ ତସ୍ୟ
ପଶ୍ଚିମେ।।
ମହାମହିମ ସଂଯୁକ୍ତଃ ସର୍ବକାମ
ଫଳପ୍ରଦଃ।
ସମୀପେ ସନ୍ତି ତସ୍ୟୈବ ଦେବ୍ୟଃ ସଦା
ଶୁଭପ୍ରଦାଃ।।

ଅର୍ଥାତ୍ ବାରୁଣୀଗିରି ପର୍ଯ୍ୟନ୍ତ ଯେଉଁ ଦେବତାମାନେ ଅଛନ୍ତି ଶୁଣନ୍ତୁ। ପର୍ବତର ଉତ୍ତର ପଶ୍ଚିମରେ ଧବଳେଶ୍ୱର ଶିବ ଅଛନ୍ତି। ସେ ଅଶେଷ ମହିମା ସଂପନ୍ନ ଓ ସର୍ବକାମନା ଫଳପ୍ରଦ ଅଟନ୍ତି। ତାଂକ ନିକଟରେ ଦେବୀ ସବୁବେଳେ ଶୁଭଫଳ ପ୍ରଦାୟିନୀ।

ଖୋରଧା ତଳସାହିରେ ସୁଦର୍ଶନ ଦୋରା ନାମକ ଜନୈକ ଶିବଭକ୍ତ ପ୍ରତ୍ୟେହ ଅଶ୍ୱାରୋହଣ ପୂର୍ବକ ଭୁବନେଶ୍ୱର ଲିଙ୍ଗରାଜ ଦେବଙ୍କ ଦର୍ଶନ କରୁଥିଲେ। ଲିଙ୍ଗରାଜଙ୍କ ଦର୍ଶନ ବିନା ସେ କେବେ ମଧ୍ୟ ଜଳ ସ୍ପର୍ଶ କରୁନଥିଲେ। ଦିନେ ସୁଦର୍ଶନ ଅଶ୍ୱାରୋହଣ କରି ଭୁବନେଶ୍ୱର ଯିବା ସମୟରେ ପ୍ରବଳ ବର୍ଷା, ଝଡ଼ତୋଫାନ ହେଲା। ବର୍ଷା ସତ୍ତ୍ୱେ ସେ ପ୍ରଭୁ ଲିଙ୍ଗରାଜଙ୍କ ନାମ ସ୍ମରଣ କରି ଅଗ୍ରସର ହେଲେ। କିନ୍ତୁ ରାସ୍ତା ମଧ୍ୟରେ ଥିବା ଖରଖରି ନଈ ଦୁଇକୂଳ ଖାଇ ବଢ଼ି ଚାଲିଥିଲା। ସେତେବେଳେ ଆଜି କାଲିକା ଭଳି ରାସ୍ତାନଥିଲା। ଘଞ୍ଚ ଅରଣ୍ୟ ଥିଲା। ନଦୀ ବଢ଼ିଥିବାରୁ ଅଗତ୍ୟା ସୁଦର୍ଶନ ଘୋଡ଼ାରୁ ଓହ୍ଲାଇ ତାକୁ ଏକ ବୃକ୍ଷମୂଳରେ ବାନ୍ଧିଦେଇ ବର୍ଷା ଓ ନଦୀ ବଢ଼ି କମିଯିବା ପର୍ଯ୍ୟନ୍ତ ଅପେକ୍ଷା କଲେ। କିନ୍ତୁ ବର୍ଷାର ଅବିରାମ ଗତି ବଢ଼ିବାରେ ଲାଗିଲା ସିନା କମିଲା ନାହିଁ। ଏହିପରି ତିନିଦିନ ତିନିରାତି ଭକ୍ତ ସୁଦର୍ଶନ ଗଛମୂଳେ ଆଶ୍ରୟ ନେଇ ରହିଲେ। ଭକ୍ତପ୍ରିୟ ପ୍ରଭୁ ଲିଙ୍ଗରାଜ ଭକ୍ତର କଷଣ ସହିପାରିଲେ ନାହିଁ। ସୁଦର୍ଶନ ଦୋରାଙ୍କୁ ସ୍ୱପ୍ନାଦେଶ ହେଲା। "ଭକ୍ତ, ଆଜିଠାରୁ ଖୋରଧା ରାଜାଙ୍କ ଗୁରୁଜଙ୍ଗ ନିକଟରେ ପାଇକରା ଓ ଗିଲ ବଣରେ ମୋର ଦର୍ଶନ ପାଇବୁ"। ଶିବଭକ୍ତ ସୁଦର୍ଶନ ଭୁବନେଶ୍ୱର ଯାଇ ନ ପାରି ଖୋରଧା ଫେରି ଆସିଥିଲେ। ପ୍ରଭୁଙ୍କ ଶୂନ୍ୟବାଣୀ ଅନୁସାରେ ଯଥା ସ୍ଥାନକୁ ଯାଇ ଦେଖିଲେ ଗୋଟିଏ କାଳିଗାଈର ଚିରରୁ ବାଛୁରୀଟି କ୍ଷୀର ଖାଉଛି। ଅନ୍ୟ ତିନୋଟି ଚିରୁରୁ କ୍ଷୀର ଝରି ପାତାଳଫୁଟା ଶକ୍ତି(ଶିବ ଲିଙ୍ଗ) ଉପରେ ପଡୁଛି। ପାତାଳଫୁଟା ଶକ୍ତିଠାରେ ସୁଦର୍ଶନ ଏକ ମନ୍ଦିର ତୋଳାଇ ସେବା ପୂଜାର ବ୍ୟବସ୍ଥା କଲେ। ଶିବ ସନ୍ତୁଷ୍ଟ ହୋଇ ସୁଦର୍ଶନଂକୁ ଦର୍ଶନ ଦେଇ ବର ଯାଚିଲେ। ସୁଦର୍ଶନ କହିଲେ "ଏହି ମନ୍ଦିର ମୋ ଦ୍ୱାରା ନିର୍ମିତ ହୋଇଛି ବୋଲି କହିବାକୁ ମୋ ବଂଶରେ କେହି ନରୁହନ୍ତୁ।" ଶିବ ତଥାସ୍ତୁ କହି ଅନ୍ତର୍ଧାନ ହୋଇଗଲେ। ତେଣୁ ଭୁବନେଶ୍ୱର ଲିଙ୍ଗରାଜ ହିଁ ଗୁରୁଜଙ୍ଗର ଧବଳେଶ୍ୱର। କୁହାଯାଏ କେହି ଭକ୍ତ ପ୍ରାର୍ଥନା କଲେ ଯଦି ପାତଳାଫୁଟା ଶକ୍ତି ମଧ୍ୟରୁ ଜଳ ବୁଦ୍ ବୁଦ୍ ଆକାରରେ ବାହାରେ, ତା'ହେଲେ ଜାଣିବେ ଯେ ଠାକୁରେ ଦର୍ଶନ ଦେଲେ। ସାମ୍ବାଦିକ ରାଜ କିଶୋର ରାମ 'ଲିଙ୍ଗରାଜ ହେଲେ ଧବଳେଶ୍ୱର' ଶୀର୍ଷକ ଲେଖାରେ ଧବଳେଶ୍ୱରଙ୍କ ଆବିର୍ଭାବ ସମ୍ପର୍କରେ ଏଭଳି ବର୍ଣ୍ଣନା କରିଛନ୍ତି।

ଠାକୁରଙ୍କ ନାମ ଧବଳେଶ୍ୱର ନାମିତ ହେବାରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ରହିଛି। ସଚ୍ଚି କୁମାର ସଂଗ୍ରହ କରିଥିବା କିଂବଦନ୍ତୀ ଅନୁସାରେ ଜଣେ ଗରିବ ଲୋକର କଳାରଙ୍ଗର ଗାଈ ପ୍ରତିଦିନ ସମସ୍ତଙ୍କ ଅଲକ୍ଷ୍ୟରେ ଏହି ପାତାଳଫୁଟା ଶିବଲିଙ୍ଗ ପାଖକୁ ଚାଲିଆସେ। ସେଠାରେ ତାହାର ଚାରୋଟି ଚିରରୁ ଅବିଶ୍ରାନ୍ତ ଧାରରେ ବହିଚାଲେ ଦୁଗ୍ଧ। ଦେଖାଗଲା, ଦୁଗ୍ଧ ତଳେ ପଡୁଛି ଅଥଚ ଭୂମି ଉପରେ ବୋହୁନାହିଁ। ଦୁଗ୍ଧ ଦେବାବେଳେ ଗାଈର ରଙ୍ଗ ଧଳା ଥିବାବେଳେ ଲୋକର ଗୁହାଳ ଭିତରକୁ ପଶିବା ବେଳେ କଳାରଙ୍ଗ ହୋଇଯାଉଛି। ଏହାର ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ କିଛି ଲୋକ ସେଠାରେ ପହଞ୍ଚି ଦେଖିଲେ ଦୁଇଟି ନାଗ ସାପ ଖେଳୁଛନ୍ତି। ଲୋକଙ୍କୁ ଦେଖି ସାପଦ୍ୱୟ ଫଣାଟେକି ଜାଗାଟି କମ୍ପମାନ କଲେ। ସେମାନଙ୍କ ଉପରେ ଝଡ଼ି ପଡୁଥାଏ ବଉଳ ଓ ମାଳତୀ ଫୁଲ। ଦୀର୍ଘ ସମୟ ପରେ ଯେତେବେଳେ ସେମାନେ ପୁନଶ୍ଚ ଏକତ୍ର ଛନ୍ଦାଛନ୍ଦି ହୋଇ ଗୋଟିଏ ଗାତ(ବିଳ)ରେ ପଶିବାକୁ ବସିଲେ, ଲୋକମାନେ ସେଠାକୁ ଯାଇ ଦେଖିଲେ ସାପ ନାହିଁ କି ଗାତ ନାହିଁ। ପରେ ବଉଳ ଗଛ ପାଖରେ ଥିବା ସେହି ଜାଗା ଖୋଳିଲେ। ଅଳ୍ପ କିଛି ଖୋଳିବା ପରେ ତଳୁ ଏକ ଜାଗା ଫାଟି ପାଣି ଝରିବାକୁ ଲାଗିଲା। ଏଠାରେ ପାତାଳଫୁଟା ଲିଙ୍ଗଥିବାର ପ୍ରମାଣ ମିଳିଲା। ଲିଙ୍ଗକୁ କେହି ଦେଖିନାହାନ୍ତି। ପାଦୁକରେ ଶକ୍ତି ସଦା ପୂର୍ଣ୍ଣ ଥାଏ, ଉଛୁଳେ। ମାଳୀ ପୂଜକମାନେ ଦୀପ ଧରି ମନ୍ତ୍ରପାଠ କରି ଡ଼ାକନ୍ତି, ଭଗବାନ ଶିବ ଡ଼ାକ ଶୁଣିଲେ ପାଦୁକା ପୂର୍ଣ୍ଣ ଶକ୍ତିରେ ହାବୁକା ଆସେ। ଏହାକୁ ହିଁ ପ୍ରଭୁ ଦର୍ଶନ ଦେଲେ ବୋଲି କୁହାଯାଇଥାଏ। କଳାଗାଈ ଏଠାରେ ଧଳାଗାଈରେ ରୂପାନ୍ତରିତ ହୋଇଥିବାରୁ ଠାକୁରଙ୍କୁ ଧବଳେଶ୍ୱର କୁହାଯାଇଥାଏ।

ଗୁରୁଜଙ୍ଗ ଟାଙ୍ଗିସାହିର ସ୍ୱର୍ଗତ ଭଗବାନ ସୁନ୍ଦରାୟ ତାଙ୍କ ରଚିତ 'ଧବଳେଶ୍ୱର' ପୁସ୍ତିକାରେ ଧବଳେଶ୍ୱରଙ୍କ ନାମକରଣ ନେଇ ଭିନ୍ନ ଏକ କିଂବଦନ୍ତୀର ଅବତାରଣା କରିଛନ୍ତି। କବିତା ଆକାରରେ ତାହା ଉଲ୍ଲେଖ ହୋଇଛି। ଜନୈକ କୃଷକର ଗାଈ କଳାରଙ୍ଗର ଅଣ୍ଡିରା ବାଛୁରୀ ପ୍ରସବ କଲା। କୃଷକ ଏହି ବାଛୁରୀକୁ ଠାକୁରଙ୍କୁ ସମର୍ପି ଦେବା ପାଇଁ ଯାଚଞ୍ଚା କରିଥିଲା। ବାଛୁରୀଟି ବଡ଼ ହୋଇ ଦାମୁଡ଼ି ବଳଦରେ ପରିଣତ ହେଲା ସିନା ସେ ଠାକୁରଙ୍କୁ ଅର୍ପଣ କରିବା କଥା ମନରେ ରଖିଲାନାହିଁ। ଏଣେ ଜଣେ ଚୋର ଦାମୁଡ଼ି ରାସ୍ତାରେ ଯାଉଥିବା ଦେଖି ତାକୁ ସାଙ୍ଗରେ ନେଇଗଲା। କୃଷକ ଓ ଅନ୍ୟଲୋକମାନେ ତା' ପଛେ ପଛେ ଅନୁସରଣ କଲେ। ଚୋର ମଧ୍ୟ ରକ୍ଷା ପାଇବା ପାଇଁ ଗିଲ ଓ ପାଇକେରା ବଣ ମଧ୍ୟରେ ଥିବା ମନ୍ଦିର ଆଡ଼କୁ ଚାଲିଗଲା। କୃଷକ ଓ ଲୋକମାନେ ସେଠାରେ ପହଞ୍ଚି କଳା ଦାମୁଡ଼ି ବଳଦ ପରିବର୍ତ୍ତେ ଧଳା ଦାମୁଡ଼ି ବଳଦ ଦେଖି ଆଶ୍ଚର୍ଯ୍ୟ ହେଲେ। ଚୋର ମଧ୍ୟ ବଳଦର ରଙ୍ଗ କଳାରୁ ଧଳା ବା ଧବଳ ହୋଇଥିବାରୁ ଠାକୁରଙ୍କ ଦୟାରୁ ରକ୍ଷା ପାଇଲେ ବୋଲି ଭାବିଲା। ଅନ୍ୟ ପକ୍ଷରେ କୃଷକ ତା'ର ସେହି ଅଣ୍ଡିରା କଳା ବାଛୁରୀକୁ ଠାକୁରଙ୍କୁ ବୃଷଭ ହେବା ପାଇଁ ନିଜ ଶପଥ ରକ୍ଷାକରି ଦେଇ ନଥିବାରୁ ଠାକୁର ତାହାକୁ କଳା ବଳଦରୁ ଧଳାବଳଦରେ ପରିଣତ କରିଦେଲେ। ଠାକୁରଙ୍କ ଏହି ମହିମା ସର୍ବତ୍ର ପ୍ରଚାରିତ ହୋଇଥିଲା ଓ ସେ ଧବଳେଶ୍ୱର ନାମରେ ପରିଚିତ ହେଲେ।

ପ୍ରଭୁ ଧବଳେଶ୍ୱରଙ୍କ ମନ୍ଦିର ପ୍ରଥମେ ସୁଦର୍ଶନ ଦୋରାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ତେବେ ଏହି ମନ୍ଦିର କେବେ ନିର୍ମିତ ହୋଇଥିଲା ତାର କାଳ ନିରୂପଣ ହୋଇ ପାରିନାହିଁ। ପରବର୍ତ୍ତୀ ସମୟରେ ଖୋରଧାର ରାଜା ବୀରକିଶୋର ଦେବ ୧୧୫୩ ସାଲ ଓ ଇଂରାଜୀ ୧୭୪୫ ମସିହାରେ ମଝି ଦେଉଳଟି ନିର୍ମାଣ କରିଥିଲେ। ମନ୍ଦିର ନିର୍ମାଣ ବୀରକିଶୋର ଦେବଙ୍କ ୧୨ ଅଙ୍କ ଓ ମକର ୧ଦିନ ନିର୍ମିତ ହୋଇଥିଲା ବୋଲି ଉଲ୍ଲେଖ ଅଛି। ମୁଖ୍ୟ ମନ୍ଦିରର ଉଚ୍ଚତା ୩୬ଫୁଟ ହୋଇଥିବାବେଳେ ମଝି ମନ୍ଦିରର ଉଚ୍ଚତା ୩୦ଫୁଟ। ମଝି ମନ୍ଦିର ସମ୍ମୁଖକୁ ଲାଗି ରହିଛି ବୃଷଭ ବଖରା, ଯାହାର ଉଚ୍ଚତା ୨୦ଫୁଟ, ଏହା ସମ୍ମୁଖରେ ରହିଛି ନାଟ ମଣ୍ଡପ ଓ ବାମ ପାର୍ଶ୍ୱରେ ପାର୍ବତୀ ମନ୍ଦିର। ପାର୍ବତୀ ମନ୍ଦିର ସମ୍ମୁଖରେ ଅଛି ବିଭା ମଣ୍ଡପ। ଏହା ୧୩୪୪ ସାଲ ବା ୧୯୩୬ ମସିହାରେ ଭଗବାନ ସେନାପତିଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏଠାରେ ଶୀତଳ ଷଷ୍ଠୀ ଦିନ ଦିଅଁ ବିଭା କାର୍ଯ୍ୟ ଅନୁଷ୍ଠିତ ହୁଏ। ନାଟ ମଣ୍ଡପରେ ନବଗ୍ରହ ଓ ଭଗବତ ଠାକୁର ଅଛନ୍ତି। ଏଠାରେ ପ୍ରତ୍ୟେହ ଭାଗବତ ପାଠ କରାଯାଏ। ଭାଦ୍ରବ ମାସ ପୂର୍ଣ୍ଣମୀରେ ଭାଗବତ ଜନ୍ମ ପାଳନ କରାଯାଏ। ମୁଖ୍ୟ ମନ୍ଦିରର ପଶ୍ଚାତ ଭାଗରେ ଅଥଚ ପଶ୍ଚିମ ଦିଗରେ ବେଢ଼ା ମଧ୍ୟରେ ରହିଛି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏଠାରେ ଅଛନ୍ତି। ଏହି ମନ୍ଦିରକୁ ଲାଗି ଉତ୍ତର ଦିଗରେ ରହିଛି ମା' ଲକ୍ଷ୍ମୀଙ୍କ ମନ୍ଦିର। ଶ୍ରୀ ଜଗନ୍ନାଥଙ୍କ ଦକ୍ଷିଣ ପଶ୍ଚିମ ଦିଗରେ ରହିଛି ସନ୍ତୋଷୀ ମନ୍ଦିର। ଉତ୍ତର ଦିଗରେ ଭଣ୍ଡାର ଘର, ରୋଷଶାଳା ଓ ସେବାୟତ କାର୍ଯ୍ୟାଳୟ ଆଦି ରହିଛି। ମୁଖ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ବେଲେଶ୍ୱର ଓ ବୈଦ୍ୟନାଥଙ୍କ ମନ୍ଦିର ରହିଛି। ମନ୍ଦିରର ବହିଃପାର୍ଶ୍ୱ ଦକ୍ଷିଣ ଦ୍ୱାରରେ ଜାଗୁଲାଇ ମନ୍ଦିର ଥିବାବେଳେ ଅଗ୍ନି କୋଣରେ ପଶ୍ଚିମାମୁଖୀ ବାଲୁଙ୍କେଶ୍ୱର ଶିବ ମନ୍ଦିର ରହିଛି। ବାରମାସରେ ତେରଯାତ୍ରା ପାଳିତ ହେଉଥିବା ଏହି ମନ୍ଦିରର ଶୋଭା ଅତ୍ୟନ୍ତ ରମଣୀୟ। ମନ୍ଦିରର ପୂର୍ବ ଦିଗରେ ବେଢ଼ାକୁ ଲାଗି ବର୍ଗାକାର କ୍ଷେତ୍ରରେ ଏକ ପୁଷ୍କରଣୀ ରହିଛି। ପୁଷ୍କରଣୀ ମଧ୍ୟରେ ଏକ ମନ୍ଦିର ନିର୍ମାଣଧୀନ ଥିବା ଜଣାପଡ଼େ।

ପ୍ରଭୁ ଧବଳେଶ୍ୱରଙ୍କ ଦୈନିକ ସେବାପୂଜା ନୀତି ରାତ୍ର ୩ଟାରୁ ଆରମ୍ଭ ହୁଏ। ଅର୍ଥାତ ୩ଟାରେ ପହଡ଼ ଫିଟେ। ସକାଳ ଧୂପ ୪ଟାରେ ହୁଏ। ଉଖୁଡ଼ା, କଦଳୀ, ଖଜା ଆଦି ଭୋଗ ହୁଏ। ଏହାକୁ ବାଳଭୋଗ କୁହାଯାଏ। ମଧ୍ୟାହ୍ନ ୧୨ଟାରେ ସଂଖୁଡ଼ି ଭୋଗ ହୁଏ। ଏଥିରେ ଅନ୍ନ, ଡ଼ାଲ୍‌ମା, ପିଠା ଆଦି ଭୋଗ କରାଯାଏ ଓ ପରେ ପରେ ପହଡ଼ ପଡ଼େ। ଅପରାହ୍ନ ୩ଟାରେ କାକରା ଆଦି ଖଜା ଭୋଗ ହୁଏ। ସନ୍ଧ୍ୟାରେ ଆଳତି ଏବଂ ରାତ୍ର ୯ଟାରେ ସୁଜି ଘିଅ ନିର୍ମିତ ମହନ ଭୋଗ ହୁଏ ଓ ତା' ପରେ ପହଡ଼ ପଡ଼େ। ବଡ଼ ଓଷାରେ ଅଟକାଳି, ଚୂଡ଼ାଘଷା, ଗଜମୁଆଁ, ଗଜପିଠା, କାକରା ଆଦି ଭୋଗ ହୋଇଥାଏ।

ପ୍ରଭୁ ଧବଳେଶ୍ୱରଙ୍କର ବାରମାସରେ ବିଭିନ୍ନ ଉତ୍ସବ ଅନୁଷ୍ଠିତ ହୁଏ। ସେଥି ମଧ୍ୟରେ ବଡ଼ଓଷା, ଦୋଳ ପୂର୍ଣ୍ଣମୀ, ଶ୍ରୀ ରାମଲୀଳା, ଚନ୍ଦନଯାତ୍ରା ଓ ମହାଶିବ ରାତ୍ରି ବା ଜାଗର ଯାତ୍ରା ପ୍ରଧାନ। ଏହା ବ୍ୟତୀତ ଦଶହରା ଷୋଳ ପୂଜା, ଦୀପାବଳୀରେ କାଳିପୂଜା, ଶୀତଳ ଷଷ୍ଠୀ ଓ ପ୍ରତ୍ୟେକ ଶିବଚତୁର୍ଦ୍ଦଶୀରେ ଠାକୁରଙ୍କ ବେଢ଼ାବୁଲା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ। ଏଠାରେ ଶ୍ରୀରାମଲୀଳା ହେବା ଏକ ବିଶେଷତ୍ୱ। ଏଠାରେ ଅନୁଷ୍ଠିତ ପଞ୍ଚଦୋଳ ଯାତ୍ରାରେ ୩୧ଟି ଦୋଳରେ ଠାକୁରମାନେ ବିଭିନ୍ନ ଗ୍ରାମରୁ ଆସିଥାନ୍ତି। ଜାଗର ଯାତ୍ରା ଦିନ ଅଷ୍ଟପ୍ରହର ନାମଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୁଏ। ପ୍ରଭୁ ଧବଳେଶ୍ୱରଙ୍କର ପ୍ରଧାନ ପର୍ବ ହେଉଛି ବଡ଼ ଓଷା। ଦୂରଦୂରାନ୍ତରୁ ଲକ୍ଷାଧିକ ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଆସିଥାନ୍ତି।

ଧବଳେଶ୍ୱରଙ୍କ ସେବା ପୂଜାନୀତି ପାଳନ ପାଇଁ ମାଳୀ, ବ୍ରାହ୍ମଣଙ୍କ ବ୍ୟତୀତ ଅନ୍ୟ ସେବକମାନେ ଅଛନ୍ତି। ସେବାନୀତି ପାଳନ ପାଇଁ ଖୋରଧାର ଗଜପତି ରାଜା ବୀରକିଶୋର ଦେବ ୧୭୪୫ ଖ୍ରୀଷ୍ଟବ୍ଦରେ ତିନିଶ ଚଉଦ ମାଣ ତେର ଗୁଣ୍ଠ ସାତ ବିଶ୍ୱା ଅର୍ଥାତ ୧୪୧ ଏକର ୫୬୦ ଡିସିମିଲ ଜମି ଖଞ୍ଜିଥିଲେ। ପରବର୍ତ୍ତୀ ସମୟରେ ବହୁ ବଦାନ୍ୟ ବ୍ୟକ୍ତି ଠାକୁରଙ୍କୁ ଜମିଦାନ କରିଥିବାରୁ ଜମିର ପରିମାଣ ଚାରିଶହ ଏକରକୁ ବୃଦ୍ଧି ପାଇଥିଲା ବୋଲି ସ୍ଥାନୀୟ କାଉନସିଲର ବଦ୍ରିନାରାୟଣ ସାହୁ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ଓ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ମତବ୍ୟକ୍ତ କରନ୍ତି। ଏହି ଜମି ସବୁ ଗୁରୁଜଙ୍ଗ, ଜେମାଦେଈ, ମୁକୁନ୍ଦପ୍ରସାଦ, କୁମାରବସ୍ତ, ଟାଙ୍ଗିଆପଡ଼ା, ନିଆଳ, ମଲ୍ଲୀପୁର, ହଳଦିଆ, ଜଜାରସିଂହ, ଅରାଙ୍ଗ, ପାଇକତିଗିରିଆ, ବେଗୁନିଆ ବ୍ଲକର ଚକାପଦା, ମଲ୍ଲିପଦର, ରାଧାକାନ୍ତପୁର ଓ ତୁଳସୀପୁର ମୌଜାରେ ଥିବା ଜଣାପଡ଼େ। ସମ୍ପ୍ରତି ପ୍ରଜାମାନେ ବହୁ ଭୂସମ୍ପତ୍ତି ନିଜ ଦଖଲକୁ ନେଇଯାଇଥିବାରୁ ଗ୍ରାମର ଉତ୍ସାହୀ ବ୍ୟକ୍ତିମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରାଯାଇଛି। ୨୦୧୦ ମସିହାରେ ଗଠିତ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ ବିଜେ ଗୁରୁଜଙ୍ଗ ନାମରେ ଗଠିତ ଏହି ଟ୍ରଷ୍ଟ ଠାକୁରଙ୍କ ଜମିର ପୁନରୁଦ୍ଧାର ତଥା ବିଭିନ୍ନ ପର୍ବପର୍ବାଣିକୁ ସୁଚାରୁ ରୂପେ ପରିଚାଳନାର ଆର୍ଥିକ ଦିଗ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଧବଳେଶ୍ୱର ପୀଠ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଲେ ସ୍ଥାନର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଉଛି।



ପ୍ରାଚୀନ ଐତିହ୍ୟ ମଣ୍ଡିତ
ପ୍ରଭୁ ଧବଳେଶ୍ୱର
ଗୁରୁଜଙ୍ଗ ଖ୍ୟାତି ଲଭିଛି
ତବନାମେ ଅପାର
ବଡ଼ ଓଷା ପର୍ବ ପ୍ରସିଦ୍ଧ
କାଷ୍ଠା ନିଷ୍ଠାରେ ମନ
ଲକ୍ଷାଧିକ ଭକ୍ତ ସଂଗମେ
ଘଟେ ପୁଣ୍ୟ ମିଳନ।

ସହଯୋଗୀ ସଂପାଦକ
'ଆମରି ସତ୍ୟ'
ଖୋରଧା, ଓଡ଼ିଶା
ଦୂରଭାଷ:-୯୨୩୭୦୮୯୫୦୯

ବିଡିଏକୁ ମଲ୍ଟି ମୋଡାଲ୍ ହବ୍ ଚିନ୍ତା : ପୂର୍ବତଟ ରେଳପଥକୁ ଚିଠି

ଭୁବନେଶ୍ୱର : ରେଲୱେ ମଲ୍ଟି ମୋଡାଲ୍ ହବ୍ ଚିନ୍ତା ଏବେ ବିଡିଏକୁ ଘାରିଛି । ଗତମାସ ୨୦ରେ ବିଡିଏ ଓ ରେଲୱେ ମଲ୍ଟି ମୋଡାଲ୍ ହବ୍ ଚୁକ୍ତି ସ୍ୱାକ୍ଷରିତ ହେବାର ଥିଲେ ମଧ୍ୟ ଖୋର୍ଦ୍ଧାରୋଡ୍ ଡିଭିଜନାଲ୍ ମ୍ୟାନେଜର୍ ଶାରୀରିକ ଅସୁସ୍ଥତା କାରଣରୁ ଅନୁପସ୍ଥିତ ରହିବାରୁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇ ପାରିନଥିଲା । ତେବେ ତୁରନ୍ତ ଏମ୍ଓୟୁ ସ୍ୱାକ୍ଷର କରିବାକୁ ନଗର ଉନ୍ନୟନ ସଚିବ ଜି ମାଥିଭାତନନ୍ ପୂର୍ବତଟ ରେଳପଥ ଜେନେରାଲ୍ ମ୍ୟାନେଜର ଉମେଶ ସିଂହଙ୍କୁ ଚିଠି ଲେଖିଛନ୍ତି । ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ 'ବିଏସ୍‌ସିଏଲ୍'ର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରେଲୱେ ମଲ୍ଟି ମୋଡାଲ୍ ହବ୍ ପାଇଁ ପୁରୁଣା ପାସେଞ୍ଜର ରିଜର୍ଭ ସିଷ୍ଟମ୍ ଅସ୍ଥାୟୀ ବିଲ୍ଡିଂକୁ ସ୍ଥାନାନ୍ତର ହେବ । ରେଲୱେ ଠାରୁ ଏହି ବିଲ୍ଡିଂର ଦଖଲ ବିଡିଏ ନିଜ ହାତକୁ ନେବା ପରେ ଏହାକୁ ଭାଙ୍ଗି ନୂତନ ଟର୍ମିନାଲ୍ ବିଲ୍ଡିଂ କାର୍ଯ୍ୟ ଆରମ୍ଭ କରିବ । ସମୁଦାୟ ୧.୭୪ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ବିଡିଏ ନୂଆ ଷ୍ଟେସନ୍ ଅଞ୍ଚଳ ନିର୍ମାଣ କରିବ । ନୂଆ ଷ୍ଟେସନ୍ ଅଞ୍ଚଳ ନିର୍ମାଣ ପରେ ଏହାର ମାଲିକାନା, ପରିଚାଳନା ଓ ରକ୍ଷଣାବେକ୍ଷଣ ଭାର ପୂର୍ବତଟ ରେଳପଥ ହାତରେ ରହିବ । ରେଲୱେ ମଲ୍ଟି ମୋଡାଲ୍ ହବ୍ ନିର୍ମାଣର ତଦାରଖ ପାଇଁ ୩ ସ୍ତରୀୟ କମିଟି ଗଠନ ହେବ । ମୁଖ୍ୟସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହେବ । ଏଥିରେ ପୂର୍ବତଟ ରେଳପଥ ଜେନେରାଲ୍ ମ୍ୟାନେଜର୍, ଖୋର୍ଦ୍ଧାରୋଡ୍ ଡିଭିଜିନାଲ୍ ରେଲୱେ ମ୍ୟାନେଜର୍ ସଭ୍ୟ ରହିବେ । ସେହିପରି ବିଡିଏ ଉପାଧ୍ୟକ୍ଷ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟି ଗଠନ ହେବ । ଏଥିରେ ରେଲୱେର ଦୁଇ ଜଣ ପ୍ରତିନିଧି ସଭ୍ୟ ରହିବେ । ତୃତୀୟ କମିଟି ବିଡିଏ ମୁଖ୍ୟଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ ହେବ । ଏଥିରେ ରେଲୱେ, ବିଡିଏ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଭାଗର କର୍ମଚାରୀ ସଭ୍ୟ ରହିବେ । ଏହି କମିଟି ଫିଲ୍ଡ ଲେଭଲ୍‌ରେ କାମ କରିବ । ପ୍ଲାଟଫର୍ମ ନଂ ୧ରୁ ପ୍ରଥମେ କାର୍ଯ୍ୟ ଆରମ୍ଭ ହେବ । ସେହିପରି ସିଟି ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ୬ନଂ ପ୍ଲାଟଫର୍ମ ନିର୍ମାଣ ହେବା ସହିତ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରାଯିବ । ସୂଚନାଯୋଗ୍ୟ, ରେଲୱେ ମଲ୍ଟି ମୋଡାଲ୍ ହବ୍ ପାଇଁ ସମୁଦାୟ ୩୦୦ କୋଟି ଟଙ୍କା ବିନିଯୋଗ ହେବ । ଏହି ପ୍ରକଳ୍ପରେ ରେଲୱେ ଷ୍ଟେସନ୍‌ର ଆଧୁନିକୀକରଣ ପାଇଁ ୧୧୦ କୋଟି ଟଙ୍କା ବିନିଯୋଗ ହେବ । ସେହିପରି ମାଷ୍ଟର କ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରାଯିବ । ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । କାର୍ ପାର୍କିଂ ପାଇଁ ବହୁତଳ କାର ପାର୍କିଂ ପ୍ଲେସ୍ ନିର୍ମାଣ ହେବ । ଏଥିପାଇଁ ୬୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିଲା ବେଳେ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ୬୦ କୋଟି ଟଙ୍କା ବିନିଯୋଗ ହେବ ବୋଲି ସ୍ଥିର ହୋଇଛି ।

'କଠୋର ପରିଶ୍ରମ ଓ ନିଷ୍ଠା ସଫଳତାର ମାର୍ଗ ଦେଖାଏ'

ଭୁବନେଶ୍ୱର : ସାମ୍ପ୍ରତିକ ସମୟରେ ଦେଶ ଦେଶ ଭିତରେ ସୁସମ୍ପର୍କ ଗଢ଼ିବା ସହିତ ଉଭୟ ରାଷ୍ଟ୍ରର ଛାତ୍ରଛାତ୍ରୀମାନେ ଭାବ ବିନିମୟ ଦ୍ୱାରା ଶିକ୍ଷା କ୍ଷେତ୍ରରେ ନିଜର ଦକ୍ଷତାକୁ ବୃଦ୍ଧି କରିବା ସହିତ ବିଜ୍ଞାନର ବିପ୍ଳବକୁ ସାକାର କରିବା ଦିଗରେ ଅଗ୍ରସର ହେବା ଉଚିତ୍ । ବୈଷୟିକ ଶିକ୍ଷାର ଆବଶ୍ୟକତା ଛାତ୍ର ସମାଜକୁ ପ୍ରତିଦ୍ୱନ୍ଦ୍ୱିତାମୁଖୀ କରିଥିଲା ବେଳେ ଏଥିରେ ସଫଳତା ହାସଲ କରିବାକୁ ହେଲେ ଗଭୀର ଅଧ୍ୟବସାୟ, କଠୋର ପରିଶ୍ରମ ଓ ପାଠପଢ଼ାରେ ଅଧିକ ମନୋନିବେଶ କରିବା ହେଉଛି ଆଜି ଦିନର ବଡ ଆହ୍ୱାନ । ପ୍ରତିବନ୍ଧକକୁ ଆଡେଇ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଆଗକୁ ଗତିକଲେ ହିଁ ଦେଶ ତଥା ଜାତିର ପ୍ରଗତି ହୋଇପାରିବ । ତେଣୁ ଆଜିର ଛାତ୍ର ବିଦ୍ୟାଳୟ ଶିକ୍ଷାବସ୍ଥାରୁ ନିଜର ଭବିଷ୍ୟତ ଗଠନ ପାଇଁ ଉଦ୍ୟମ କରିବା ସହିତ ଜଣେ ଭଲ ନାଗରିକ, ପ୍ରଶାସକ, ସେବକ ଅବା ଦେଶ ନିର୍ମାଣର ନାୟକ ହେବାକୁ ସ୍ୱପ୍ନ ଦେଖିବା ଦରକାର । ଶିକ୍ଷା ସହିତ ନିଜ ସଂସ୍କୃତିର ଧାରକ ହେବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହା କହିଛନ୍ତି ଭୁବନେଶ୍ୱର ଲୋକସଭା ସାଂସଦ ତଥା ବିଶିଷ୍ଟ କବି ଡ. ପ୍ରସନ୍ନ ପାଟଶାଣୀ । ଦକ୍ଷିଣ କୋରିଆରୁ ଆସିଥିବା କିଛି ପ୍ରତିନିଧି ମଣ୍ଡଳୀଙ୍କ ସହ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମିଳିତ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପାଟଶାଣୀ ଉପସ୍ଥିତ ଅତିଥିଗଣ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ସମାଜକୁ ଏହି ବାର୍ତ୍ତା ପ୍ରଦାନ କରିଥିଲେ । ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ପବିତ୍ର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଥିଲେ ଗୋଟିଏ ଦେଶର ଛାତ୍ରଛାତ୍ରୀ ଆଉ ଗୋଟିଏ ଦେଶର ଛାତ୍ରଛାତ୍ରୀଙ୍କ ସହିତ ଭଲ ସମ୍ପର୍କ ଗଢ଼ିପାରିଲେ ଏହା ଶିକ୍ଷା କ୍ଷେତ୍ରରେ ଅଧିକ ସହାୟକ ହୋଇପାରିବ । ଏଥିସହିତ ଶିକ୍ଷା ମାଧ୍ୟମରେ ନିଜ ନିଜର ସଂସ୍କୃତିକୁ ବଞ୍ଚାଇ ରଖିବା ଦିଗରେ ଏହା ଏକ ଉତ୍ତମ ମାଧ୍ୟମ । ତେଣୁ ଆମ ବିଦ୍ୟାଳୟର ଛାତ୍ରଛାତ୍ରୀ ବିକଶିତ ଭବିଷ୍ୟତର ପରିକଳ୍ପନା କରିବା ସହିତ ଏଥିରେ ସାମିଲ ହେବାକୁ ଉପଦେଶ ଦେଉଛି । ଯାହାଫଳରେ ଆମ ରାଜ୍ୟର ସଂସ୍କୃତି ଉଜ୍ଜୀବିତ ହେବା ସହ ପାରସ୍ପରିକ ବୁଝାମଣାରେ ଉନ୍ନତି ଘଟିପାରିବ । ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଏହି ବିଦ୍ୟାଳୟର ଛାତ୍ରୀ ଜାହ୍ନବୀ ମହାନ୍ତି ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ । ଦକ୍ଷିଣ କୋରିଆରୁ ଆସିଥିବା ଅତିଥିବୃନ୍ଦ ଜାହ୍ନବୀଙ୍କ ନୃତ୍ୟରେ ବିମୁଗ୍ଧ ହେବା ସହିତ ଓଡ଼ିଶୀ ନୃତ୍ୟର ଭୂରି ଭୂରି ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟର ଅଧ୍ୟକ୍ଷ ଆଚାର୍ଯ୍ୟ ସ୍ୱରୂପାନନ୍ଦ ମିଶ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାର ପରିଚାଳନା କରିଥିଲେ ଉପାଧ୍ୟକ୍ଷ କବୀନ୍ଦ୍ର ଦାସ ।

ବିକାଶ ଶିକ୍ଷାନୁଷ୍ଠାନରେ 'ଏନ୍‌ହାନ୍‌ସିଂ ମାଇଣ୍ଡ୍ ପାୱାର୍' ଶୀର୍ଷକ ସେମିନାର

ବରଗଡ଼ : ବରାହଗୁଡ଼ାସ୍ଥିତ ବିକାଶ ଶିକ୍ଷାନୁଷ୍ଠାନ ଅଡିଟୋରିୟମ୍‌ଠାରେ 'ଏନ୍‌ହାନ୍‌ସିଂ ମାଇଣ୍ଡ୍ ପାୱାର୍' ଶୀର୍ଷକ ଉପରେ ଏକ ସେମିନାର୍ ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାର୍‌ରେ ମୁମ୍ବାଇର ସ୍ୱଭାବ ସମ୍ବନ୍ଧୀୟ ପ୍ରଶିକ୍ଷକ ଏବଂ ପରାମର୍ଶଦାତା ପ୍ରଫେସର୍ ଇ.ଭି. ଗିରୀଶ ଗୁରୁଜନ ଓ ପିତାମାତାଙ୍କ ପ୍ରତି ସମ୍ମାନ, ନିତିଦିନ ଧ୍ୟାନ ଏବଂ ଶୃଙ୍ଖଳିତ ଓ ପରିମାର୍ଜିତ ବ୍ୟବହାର ଛାତ୍ରଛାତ୍ରୀମାନଙ୍କର ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ କର୍ତ୍ତବ୍ୟବୋଧ ଉପରେ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ

ବ୍ରହ୍ମକୁମାର ଲୋକନାଥ, ବ୍ରହ୍ମକୁମାରୀ ବି.କେ. ଜ୍ୟୋତି, ବ୍ରହ୍ମାକୁମାରୀ ଯଶୋଦା ଙ୍କ ସମେତ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀ ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ମ୍ୟାନେଜର ଏଚ୍.ଆର୍ ଓ ଆଇନ୍ ପରାମର୍ଶଦାତା ଶ୍ରୀ ପି.କେ. ଦାଶ ଓ ବିକାଶ ଜୁନିୟର କଲେଜର ଅଧ୍ୟକ୍ଷ ଶ୍ରୀ ମୂରାରୀ ପ୍ରସାଦ ସାହୁ ଉପସ୍ଥିତ ଥିଲେ । ପ୍ରଫେସର ଗିରୀଶ ଙ୍କ ବାର୍ତ୍ତାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିପାରିଲେ ଅତ୍ୟନ୍ତ ଉପାଦେୟ ହେବ ବୋଲି ଶ୍ରୀ ଡି.ନାଗେଶ୍ୱର ରାଓ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଇଞ୍ଜିନିୟରିଂ କଲେଜର କୋଅର୍ଡିନେଟର ଇଂ.ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜ୍‌ନେସ୍ ସ୍କୁଲ୍‌ର କୋଅର୍ଡିଟେର୍ ଆର୍.ଏସ୍.ଭି. କ୍ରୀଷ୍ଣା, ଅଦିତି ସାହୁ, ଶ୍ୱେତାପଦ୍ମା ମହାନ୍ତି ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଏହି ଅବସରରେ ଇଞ୍ଜିନିୟରିଂ କଲେଜ ର ୱାଲ୍ ମ୍ୟାଗାଜିନ୍ 'ଭାଇବ୍ରୋନିକ୍ସ' ର ଏକ ସଂସ୍କରଣ ଉନ୍ମୋଚିତ ହୋଇଥିଲା ।

ଭୁବନେଶ୍ୱର : ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ୭୯ତମ ଜନ୍ମଦିନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ 'କମଳ ଦେଶ ରାଜକୁମାର' ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ କବିତା କ୍ରିଷ୍ଣାମୂର୍ତ୍ତିଙ୍କୁ '୧୦ମ ପ୍ରଫୁଲ୍ଲ କର ସମ୍ମାନ' ପ୍ରଦାନ ଉତ୍ସବରେ ଅତିଥିବୃନ୍ଦ ।

ଆଉ ନାହାନ୍ତି ପାର୍ବତୀ ଘୋଷ

ଭୁବନେଶ୍ୱର : ଓଡ଼ିଆ ଫିଲ୍ମ ଜଗତର କିମ୍ବଦନ୍ତୀ ଅଭିନେତ୍ରୀ, ମହିଳା ପ୍ରଯୋଜକ ଓ ନିର୍ଦ୍ଦେଶକ ପାର୍ବତୀ ଘୋଷ ଆଉ ଇହଧାମରେ ନାହାନ୍ତି । ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି । ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଥମ ମହିଳା ନିର୍ଦ୍ଦେଶକ, ପ୍ରଯୋଜକ ତଥା ନିଖୁଣ ଅଭିନୟ କରିପାରୁଥିବା ସ୍ୱର୍ଗତ ଘୋଷ ୧୯୩୩ ମସିହାରେ କଟକ ମାନସିଂହପାଟଣାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଅଭିନୀତ 'ସ୍ତ୍ରୀ' ଚଳଚ୍ଚିତ୍ର ପାଇଁ ସେ ଜାତୀୟ ପୁରସ୍କାର ଲାଭ କରିଥିଲେ । ରାଜ୍ୟ ସରକାର ପାର୍ବତୀ ଘୋଷଙ୍କୁ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ସମ୍ମାନିତ କରିଥିଲେ । ତାଙ୍କ ବିୟୋଗରେ ସମଗ୍ର ରାଜ୍ୟରେ ଶୋକର ଛାୟା

ଖେଳିଯାଇଛି । ସ୍ୱର୍ଗତ ଘୋଷଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ ଘୋଷଙ୍କ ଶେଷ କୃତ୍ୟ ପାଳନ ହେବ ବୋଲି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ପାର୍ବତୀ ଘୋଷଙ୍କ ମୃତ୍ୟୁରେ ସେ ଗଭୀର ମର୍ମାହତ । ପ୍ରାରମ୍ଭିକ କାଳରେ ସେ ଏକାକୀ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ନୂଆ ସୋପାନକୁ ନେଇ ପାରିଥିଲେ । ସେ ନାରୀ ସଶକ୍ତୀକରଣର ଜଣେ ପ୍ରତୀକ ଥିଲେ । ପାର୍ବତୀ ଘୋଷ ଜଣେ ଶିଶୁ କଳକାର ଭାବେ ତାଙ୍କ ଅଭିନୟ ଜୀବନ ଆରମ୍ଭ କରିଥିଲେ । ତାଙ୍କର ପ୍ରକୃତ ନାମ ଚପଳା ନାୟକ । ସେ ରୂପ ଭାରତୀ ଲିମିଟେଡ୍ ନିବେଦିତ 'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ରରେ ପ୍ରଥମେ ନଜର ଆସିଥିଲେ । ଏହି ସିନେମାରେ ତାଙ୍କୁ ନୀଳମାଧବ ଭୂମିକାରେ ଦେଖିବାକୁ ମିଳିଥିଲା । ଗାୟକ ଧୀରେନ୍ ଦାସ ତାଙ୍କୁ ଏହି ସୁଯୋଗ ଦେଇଥିଲେ । ସେ ପ୍ରଖ୍ୟାତ ଅଭିନେତା-ପ୍ରଯୋଜକ ଗୌର ଘୋଷଙ୍କୁ ବିବାହ କରିବା ପରେ ପାର୍ବତୀ ନାମରେ ପରିଚିତ ହୋଇଥିଲେ ।

ପାଇକ ବିଦ୍ରୋହ ସମ୍ପର୍କିତ ଆଲୋଚନାଚକ୍ର

ବକ୍ସିଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ପ୍ରସ୍ତାବକୁ ନେଇ କ୍ଷୋଭ

ଖୋର୍ଦ୍ଧା : କଳିଙ୍ଗ ପାଇକ ସଂଗଠନ ଓ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ୧୮୧୭ ପାଇକ ବିଦ୍ରୋହ ସମ୍ପର୍କିତ ଏକ ଆଲୋଚନାଚକ୍ର ଖୋର୍ଦ୍ଧା ସଂସ୍କାର ଭାରତୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଡ. ନାରାୟଣ ରାଓ, ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସଭାପତି ଇଂ. ଶିଶିର କୁମାର ନାୟକ, ସମ୍ପାଦକ ରମଜାନ୍ ଖାଁ, କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ,ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୧୮୧୭ ପାଇକ ବିଦ୍ରୋହକୁ ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ମାନ୍ୟତା ଦେବା ଅବସରରେ ଏହାର ଦୁଇଶହ ବର୍ଷ ପୂର୍ତ୍ତି ପାଳନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ ମାର୍ଚ୍ଚ ୨୯ରେ ଖୋର୍ଦ୍ଧାଗଡ଼ରେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଏବଂ ୨୦୧୭ ଜୁଲାଇ ୨୦ରେ ଦିଲ୍ଲୀ ବିଜ୍ଞାନ ଭବନରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଥିଲାବୋଲି ଅଂଶଗ୍ରହଣ କରିଥିବା ପ୍ରବକ୍ତାମାନେ ମତବ୍ୟକ୍ତ କରିଥିଲେ । ମାତ୍ର ଇତିମଧ୍ୟରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କର ସୁଉଚ୍ଚ ପ୍ରତିମୂର୍ତ୍ତି ବରୁଣେଇ ପାହାଡ଼ର ପାଦଦେଶରେ ସ୍ଥାପିତ ହେବା ନେଇ ପ୍ରସ୍ତାବ କାର୍ଯ୍ୟକାରୀ ହୋଇନଥିବାରୁ ପାଇକ ସଂଗଠନ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍ସି ଜଗବନ୍ଧୁ ଗଞ୍ଜାମ ପଟ୍ଟୁ ଇଂରେଜମାନେ ବାଣପୁର, ଖୋର୍ଦ୍ଧା ଦେଇ କଟକ ଆସିବା ମନା କରିବା ଠାରୁ ୧୮୧୬-୧୭ ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ଆଠବର୍ଷ କାଳ ସଂଗ୍ରାମ କରିବା ଏକ ଯୁଗାନ୍ତକାରୀ ଅଧ୍ୟାୟ । ଅଥଚ ଏକ ଟିଭି ଚ୍ୟାନେଲ୍‌ରେ ସମ୍ପ୍ରତି ପ୍ରସାରିତ ହେଉଥିବା ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କୁ ସ୍ଥାନ ନଦେବା ପାଇଁ କେତେକ କୁଚକ୍ରୀ ବିକୃତ ଚିନ୍ତାଧାରା ବ୍ୟକ୍ତି ବାଧ କରୁଥିବା ନେଇ ଚର୍ଚ୍ଚା ହେଉଛି, ଯାହା କି ନିନ୍ଦନୀୟ । ଅନ୍ୟମାନଙ୍କ ମଧ୍ୟରେ ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ସଞ୍ଜୟ କୁମାର ପଟ୍ଟନାୟକ, ଧରଣୀଧର ଛୋଟରାୟ, ବଂଶୀଧର ଜଗଦ୍ଦେବ, ଚନ୍ଦନ ରାଉତରାୟ, ସଂଗ୍ରାମ ଜଗଦ୍ଦେବ, ଜ୍ଞାନରଞ୍ଜନ ଦାଶ ଓ ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବରୀ ବ୍ଲକର ସମସ୍ତ
ଜନସାଧାରଣଙ୍କୁ ପବିତ୍ର
ଶିବରାତ୍ରି ଓ ଜାଗର
ଯାତ୍ରା ଅବସରରେ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ ।
ସମସ୍ତେ ନିରୋଗ ଓ ସୁସ୍ଥ
ଜୀବନ ଯାପନ କରନ୍ତୁ ଏହାହିଁ
ମା' ବିରଜାଙ୍କ ନିକଟରେ
ମୋର କାମନା ।
ମନୋଜ କୁମାର ନନ୍ଦ
(ଫାର୍ମାସିଷ୍ଟ)
ବରୀ-ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ମୋ.-୯୯୩୭୨୦୦୧୩୦

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି